visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.213 Bhubaneswar Sunday, October 10, 2021 | ୨୪ତମ ବର୍ଷ ସଂଖ୍ୟା–୨୧୩ ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS



କଂଗ୍ରେସ ମହାସଚିବ ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀ ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରୀଠାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ପରିବାରବର୍ଗଙ୍କୁ ସାକ୍ଷାତ୍ କରୁଛନ୍ତି

## ଭିଜିଲାନ୍ସ ଜାଲରେ ୩ ସରକାରୀ ଅଧିକାରୀ

ଭୁବନେଶ୍ୱର, ୯।୧୦(ପି.ଏନ): ଭିଜିଲାନ୍ସ ବିଭାଗ ଆଜି ୩ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅତର୍କିତ ଚଢ଼ଉ କରିଛି। ସେମାନଙ୍କ ଠାରୁମୋଟ ୧୨ ଲକ୍ଷ ୬୯ ହଜାର ଟଙ୍କା ଜବତ ହୋଇଛି। ସେମାନେ ହେଲେ ବିଧାନ ଚନ୍ଦ୍ର ସାହୁ, ଡ. ପିକେ ମହାପାତ୍ର ଓ ନରୋତମ ବେହେରା।ସୂଚନା ଅନୁସାରେ ଭିଜିଲାନ୍ସ ବିଭାଗ ଆଜି କେନ୍ଦୁଝର ଜିଲ୍ଲା ଶାଳପଡ଼ା ବୈତରଣୀ ଜଳସେଚନ ଡିଭିଜନର ସେକ୍?ସନ ଇଂଜିନିୟର ବିଧାନ ଚନ୍ଦ୍ର ସାହୁଙ୍କୁ ୧୦ ଲକ୍ଷ ୫ ହଜାର ଟଙ୍କା ନେଇ ଯାଉଥିବା ବେଳେ ଯାଜପୁର ଜିଲ୍ଲା ପାଣିକୋଇଲି ନିକଟରୁ ଧରିଛି। ଏହା ପରେ ଭିଜିଲାନ୍ସ ବିଭାଗ ଶ୍ରୀ ସାହୁଙ୍କର କଟକସ୍ଥିତ ନିବାସ ଓ କାର୍ଯ୍ୟାଳୟ ତଦନ୍ତ କରିଛି। ରାଉରକେଲାରୁ ଫେରୁଥିବା ବେଳେ ଭୁବନେଶ୍ୱରରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଡ. ପିକେ ମହାପାତ୍ର। ତାଙ୍କ ନିକଟରୁ ୧ ଲକ୍ଷ ୭୫ ହଜାର ଟଙ୍କା ଜବତ ହୋଇଛି। ସେହିପରି ଭିଜିଲାନ୍ସ ବିଭାଗ ବାଲେଶ୍ୱରସ୍ଥିତ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ନରୋତମ ବେହେରାଙ୍କୁ ଧରିଛି। ଶ୍ରୀ ବେହେରା ଭୁବନେଶ୍ୱରକୁ ଆସୁଥବା ବେଳେ ଟାଙ୍ଗୀ ଛକ ଗେଟ୍ ରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ୮୯ ହଜାର ଟଙ୍କା ଜବତ ହୋଇଥିବା ବେଳେ ତାଙ୍କ ଘର ଉପରେ ଚଢାଉ କରାଯାଇଛି ।

# ଦେବଗଡରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧୦(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ଦେବଗଡ ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୨ ଲକ୍ଷ ୭୦ ହଜାର ଲୋକ ଏହି ସୁବିଧା ପାଇବେ । ପୂର୍ବରୁ ରାଜ୍ୟର ୫ଟି ଜିଲ୍ଲା - ମାଲକାନଗିରି, ସୁନ୍ଦରଗଡ, ବଲାଙ୍ଗୀର, ଗଜପତି ଏବଂ ପୁରୀରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୦ ଲକ୍ଷ ଲୋକ ଏହି ସ୍ମାର୍ଟ ହେଲ୍‌ଥ କାର୍ଡ ପାଇଥିବା ବେଳେ, ୧୦,୬୫୭ ଜଣ ହିତାଧିକାରୀ ବିଭିନ୍ନ ଘରୋଇ ଡାକ୍ତରଖାନାରେ କୋଡ଼ିଏ କୋଟି ଟଙ୍କାର ସ୍ୱାସ୍ଥ୍ୟ ସୁବିଧା ପାଇଲେଣି ହିତାଧିକାରୀ ମାନେ ବିନା ଖର୍ଚ୍ଚରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଉଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେବଗଡ ଜିଲ୍ଲାରେ ଆଜି ୭ ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏଥିରେ ୫୭୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିବା ବେଳେ ୧୩୬ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି।ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେବଗଡ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ ଏବଂ ଏହା ଓଡିଶା ପାଇଁ ପ୍ରକୃତିର ଏକ ବରଦାନ। ପ୍ରଶାସନକୁ ଲୋକଙ୍କ ନିକଟକୁ ନେବା ପାଇଁ ବିଜୁ ବାବୁ ଏହାକୁ ଏକ ସ୍ୱତନ୍ତ୍ର ଜିଲ୍ଲା କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଜୁବାବୁଙ୍କ ମହାନ ଉଦ୍ଦେଶ୍ୟକୁ ଆଖିରେ ରଖି ରାଜ୍ୟ ସରକାର ଦେବଗଡରେ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫-ଟି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୮୭ ଟି ସରକାରୀ ହାଇସ୍କୁଲର ରୂପାନ୍ତର କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତିନୋଟି ମେଗା ପାଇପ୍ ପାଣି ଯୋଜନା କାର୍ଯ୍ୟକାରୀ କରାଯାଇ ଜିଲ୍ଲାର ସମସ୍ତ ତିନୋଟି ବ୍ଲକକୁ ପାଇପ୍ ପାଣିର ସୁବିଧା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଦେବଗଡ ପୌରାଂଚଳ ପାଇଁ ମଧ୍ୟ ଏକ ପାନୀୟ ଜଳ ପ୍ରକଳ୍ପର ଭିତି ପ୍ରସ୍ତର ରଖିଥିଲେ । ଏହା ସହିତ ଦେବଗଡରେ ଏକ ତିନିଶହ ଶଯ୍ୟା ବିଶିଷ୍ଟ ଆଧୁନିକ ହସ୍ପିଟାଲ ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ଭିତି ପ୍ରସ୍ତର ରଖିଥିଲେ। ଏଥିପାଇଁ ୧୧୫ କୋଟି ଟଙ୍କା ବିନିଯୋଗ କରାଯିବ। ଏହାଦ୍ୱାରା ଦେବଗଡବାସୀ ଗୁଣାତ୍ମକ ମାନର ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ , ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ସେମାନଙ୍କ ଭାଷଣରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମ ବିଶେଷ କରି ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ଦେଶରେ ଓଡ଼ିଶାର ସମ୍ମାନ ବଢାଇଛି ବୋଲି ମତ ଦେଇଥିଲେ। ବିଧାୟକ ସୁବାସ ପାଣିଗ୍ରାହୀ ଏହି ସ୍ମାର୍ଟ ହେଲ୍‌ଥ୍ କାର୍ଡ ପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇବା ସହ ଜିଲ୍ଲାର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ସୁଶାନ୍ତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୮ ଘଣ୍ଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୯।୧୦(ପି.ଏନ): ଉତ୍ତର ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣି ବଳୟ ବର୍ତ୍ତମାନ ସମୁଦ୍ର ପତନଠାରୁ ୫.୮ କିଲୋମିଟର ଉଚ୍ଚତାରେ ବିସ୍ତାରିତ ହୋଇ ରହିଛି। ଏହାର ପ୍ରଭାବରେ, ଆସନ୍ତା୪୮ ଘଂଟା ମଧ୍ୟରେ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଧିକ ହୋଇଛି।ଏହାର ୪ରୁ ୫ ଦିନ ମଧ୍ୟରେ ଏହା ଅଧିକ ଚିହ୍ନିତ ଏବଂ ଘନୀଭୂତ ହୋଇ ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତିକରି ଦକ୍ଷିଣ ଓଡ଼ିଶା ଓ ଉତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି ।ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟାଗଡ଼ାଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର।

## ପାର୍ବଣରେ କଟକଣା ନମାନିଲେ ଗିରଫ କରିବ ପୋଲିସ୍

ଭୁବନେଶ୍ୱର, ୯।୧୦(ପି.ଏନ): ଆସନ୍ତାକାଲି ଠାରୁ ପୂଜା ପାଇଁ କୋଭିଡ ନିୟମ ଲାଗୁ ହେବ। ଟୁଇନସିଟିରେ ରାତି ୮ଟାରୁ ସକାଳ ୫ ଟା ଯାଏଁ ନାଇଟ କର୍ଫ୍ୟୁ ଜାରି ରହିବ। ଏହି ସମୟରେ ଅମାନିଆଙ୍କ ପାଇଁ ଜରିମାନା ବ୍ୟବସ୍ଥା ରହିଛି। ଅଧିକ ଅମାନିଆ ହେଲେ ଗିରଫ କରାଯିବ ବୋଲି କହିଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ସେ କହିଛନ୍ତି, ଯେପରି ରାତି ୮ଟା ପରେ କଟକ, ଭୁବନେଶ୍ୱରରେ କଟକଣାକୁ କଡ଼ାକଡ଼ି ପାଳନ କରାଯିବା ସହ ଯାଂଚ ଉପରେ ଗୁରୁତ୍ୱ ଦିଆଯିବ। ନିୟମ ଖିଲାପ କଲେ ଅମାନିଆ ଭୋଗିବେ ଦଣ୍ଡ । ଏଥିସହ ଦାଦାବଟିଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କିଏ ଦାଦାବଟି ଆଦାୟ କରୁଥିବାର ନଜର ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗୋଟିଏ ଦିନରେ ୫୨୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୯।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୨୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୧୦୪୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୭ ହଜାର ୭୧୪ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୦୩୫ ରହିଛି। ଆଜି ଚିହ୍ନଟ ହୋଇଥିବା ୫୨୬ ଜଣଙ୍କ ମଧ୍ୟରୁ ୩୦୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩, ବାଲେଶ୍ୱରରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୬୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୩ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଜପତି ଜିଲ୍ଲାରୁ ୨, ଗଂଜାମ ଜିଲ୍ଲାରୁ ୩,ଜଗତସିଂହପୁର ଜିଲ୍ଲାରୁ ୧୬ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ , କନ୍ଧମାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଖୋର୍ଦ୍ଧାରୁ ୨୩୩ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ୨, ମୟୂରଭଞ୍ଜରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବିନା କୋଚିଂରେ ପ୍ରଥମ ପ୍ରୟାସରେ କ୍ଷେତ୍ରପାଳ ଗାଁ ବାଳକ ଓଏଏସ୍ ପରୀକ୍ଷାରେ ଶୀର୍ଷରେ ଅଛି





ଚ଼ଣ୍ଡିଖୋଲ ,୯।୧୦(ପି.ଏନ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ କ୍ଷେତ୍ରପାଳ ଗାଁର ଅଭିରାମ ପଣ୍ଡା,ସେବତୀ ପଣ୍ଡାଙ୍କ ପୁଅ ଅଶ୍ୱିନୀ କୁମାର ପଣ୍ଡା ଓଡ଼ିଶା ସିଭିଲ ସର୍ଭିସେସ୍ (ଓଏଏସ୍) ପରୀକ୍ଷା -୨୦୧୯ ରେ ଟପ୍ପର ଭାବରେ ସ୍ଥାନ ପାଇଛନ୍ତି, ଯାହାର ଫଳାଫଳ ଘୋଷଣା କରାଯାଇଥିଲା ଗତକାଲି ଓଡିଶା ଲୋକସେବା ଆୟୋଗ (ଓପିଏସି)। ପଣ୍ଡା ତାଙ୍କର କୌଣସି କୋଚିଂ ବିନା ପ୍ରଥମ ପ୍ରୟାସରେ ଓସିଏସ ପରୀକ୍ଷା କୃତକାର୍ଯ୍ୟ ହୋଇଛନ୍ତି । ସଫଳତାକୁ ଏକ ଅପ୍ରତ୍ୟାଶିତ ବୋଲି କହି ସେ ଏହାକୁ ନିଜ ପିତାମାତାଙ୍କୁ ଉତ୍ସର୍ଗ କରିଥିଲେ । "ମୁଁ କୌଣସି ଅନୁଷ୍ଠାନରେ କୋଚିଂ ନେଇ ନଥିଲି। ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ ଯେ OSC ପରୀକ୍ଷା ପାଇଁ ନିଜ ପ୍ରସ୍ତୁତି ସର୍ବୋତ୍ତମ । ଲକଡାଉନ୍ ଅବଧିରେ ମୁଁ ଘରେ ମୋର ପ୍ରସ୍ତୁତି କରିଥିଲି । ଏଥିରେ ମୋର ପରିବାର ସଦସ୍ୟ ମୋତେ ସମର୍ଥନ କରିଥିଲେ। ଯଦିଓ ଲକଡାଉନ୍ ସମୟରେ ବହୁତ ନକାରାତ୍ମକତା ଥିଲା, ମୁଁ ସେହି ସମୟକୁ ବ୍ୟବହାର କରି ଏହାକୁ ଏକ ବିରୋଧୀ ଭାବରେ ବ୍ୟବହାର କଲି । ମୁଁ ଦିନକୁ ୭ ଘଣ୍ଟା ଅଧ୍ୟୟନ କରୁଥିଲି ଏବଂ ମୋର ପ୍ରସ୍ତୁତି ପାଇଁ ଇଣ୍ଟରନେଟ୍ ବ୍ୟବହାର କରୁଥିଲି ବୋଲି ପଣ୍ଡା କହିଛନ୍ତି। OCS ଆଶାକର୍ମୀଙ୍କ ପାଇଁ ଏକ ବାର୍ତ୍ତାରେ ପଣ୍ଡା କହିଛନ୍ତି, "ଯେଉଁମାନେ OCS ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ସେମାନେ ବୁଝିବା ଉଚିତ୍ ଯେ ଏହା ଏକ ବ୍ୟାପକ ପ୍ରକ୍ରିୟା, ଯେଉଁଥିରେ ନିଜକୁ ବିକାଶ କରିବାକୁ ପଡିବ । ସେମାନଙ୍କୁ ସେମାନଙ୍କର ଜ୍ଞାନ ଏବଂ ଦକ୍ଷତାର ରାଶି ବିସ୍ତାର କରିବାକୁ ପଡିବ। " ଆଶାକର୍ମୀମାନେ ରାଜ୍ୟରେ ସାମ୍ପ୍ରତିକ କାର୍ଯ୍ୟ, ସମସ୍ୟାଗୁଡିକର ମୂଳ କାରଣ ଏବଂ ଏହାର ସମାଧାନ ଉପରେ ନଜର ରଖିବା ଉଚିତ୍ । ସେମାନେ ମଧ୍ୟ ନିୟମିତ ଖବରକାଗଜ ପଢ଼ିବା ଉଚିତ, ଇଣ୍ଟରନେଟକୁ ବହୁଳ ଭାବରେ ବ୍ୟବହାର କରିବା ଉଚିତ ଏବଂ 'କେବେ ହାର ମାନ ନାହିଁ' ବୋଲି ସେ କହିଛନ୍ତି। "ମୋର ଲକ୍ଷ୍ୟ ହେଉଛି ସେହି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଚେଷ୍ଟା କରିବା, ଯେଉଁଠାରେ ମୋତେ ପୋଷ୍ଟ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମହିଳା ସଶକ୍ତିକରଣ ମୋ ଧ୍ୟାନରେ ରହିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରୁପ୍-ଏ ଏବଂ ଗ୍ରୁପ୍-ବି ବର୍ଗରେ ନିଯୁକ୍ତି ପାଇଁ ଆୟୋଗ ଦ୍ୱାରା ମୋଟ ୧୫୩ ଜଣ ପ୍ରାର୍ଥୀଙ୍କୁ ସୁପାରିଶ କରାଯାଇଛି। ସୂଚନାଯୋଗ୍ୟ ଯେ, କ୍ଷେତ୍ରପାଳ ଗ୍ରାମ ତଥା ସମସ୍ତ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଅଛି। ତାଙ୍କର ଏ ସଫଳତା ଯୋଗୁଁ କ୍ଷେତ୍ରପାଳ ଗ୍ରାମ ଆଜି ସାରା ଓଡ଼ିଶାବାସୀଙ୍କ ନିକଟରେ ପରିଚିତ। ଗ୍ରାମବାସୀ ମାନେ ମଧ୍ୟ ଅତ୍ୟନ୍ତ ଗର୍ବିତ ଓ ଉଲ୍ଲସିତ ମନେ କରୁଛନ୍ତି।

## ପଂଚାୟତ ନିର୍ବାଚନ ସଂରକ୍ଷଣରେ ପାତରଅନ୍ତର କରାଯାଇଛି : ବିଜେପି

ଭୁବନେଶ୍ୱର, ୯।୧୦(ପି.ଏନ): ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ସଂରକ୍ଷଣ ତାଲିକାରେ ବ୍ୟାପକ ପାତର ଅନ୍ତର କରାଯାଇଛି ବୋଲି ରାଜ୍ୟ ବିଜେପି ଅଭିଯୋଗ କରିଛି। ଜିଲ୍ଲାୱାରୀ 'ରିଜର୍ଭେସନ ଷ୍ଟାଟସ୍' ତାଲିକାକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଶାସକ ବିଜେଡିର ପ୍ରତ୍ୟକ୍ଷ ଇଙ୍ଗିତରେ ତାଲିକା ପ୍ରସ୍ତୁତ କରାଯାଇଛି । ତ୍ରୁଟିପୂର୍ଣ୍ଣ 'ରିଜର୍ଭେସନ ଷ୍ଟାଟସ୍' ପ୍ରସ୍ତୁତ କରି ପଂଚାୟତ ନିର୍ବାଚନ ନକରାଇବାର ଷଡଯନ୍ତ୍ର କରୁଛନ୍ତି ରାଜ୍ୟ ସରକାର । ଏସଟି, ଏସସି, ଓବିସି ଓ ମହିଳା ସଂରକ୍ଷଣରେ ବ୍ୟାପକ ପାତରଅନ୍ତର କରାଯାଇଛି। ରାଜ୍ୟ ସରକାରଙ୍କ ଏଭଳି ହୀନ ଚକ୍ରାନ୍ତକୁ ଆମେ ବିରୋଧ କରୁଛୁ ଏବଂ ଏ ସଂକ୍ରାନ୍ତରେ ଆମେ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଅବଗତ କରାଇଛୁ। ସମ୍ବିଧାନିକ ଉଲ୍ଲଂଘନକାରୀ ରାଜ୍ୟସରକାର ଓ ଏଥିରେ ସଂପୃକ୍ତ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେପି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଦାବୀ କରିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ରାଜ୍ୟ ସରକାରଙ୍କୁ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଲେ । ପଂଚାୟତ ନିର୍ବାଚନକୁ ସଠିକ୍ ଭାବେ ପରିଚାଳନା କରିବା ଉଭୟ ରାଜ୍ୟ ସରକାର ଏବଂ ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ। ବାଧ୍ୟବାଧକତାରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କଲେ । ଗତକାଲି ୮ ତାରିଖ ସୁଦ୍ଧା ଜିଲ୍ଲାପଳମାନେ ନିଜ ନିଜ ଜିଲ୍ଲାର ଡିଭିଜନ ଓ ସଂରକ୍ଷଣ ପ୍ରସଙ୍ଗରେ 'ରିଜର୍ଭେସନ ଷ୍ଟାଟସ୍' ତାଲିକା ସର୍ବସାଧାରଣରେ ଘୋଷଣା କରିବାକୁ ଧାର୍ଯ୍ୟ ହୋଇଥିଲା । 'ରାଜ୍ୟ ପଂଚାୟତ ଆଇନ' ଅନୁଯାୟୀ କୌଣସି ତ୍ରୁଟି ଥିଲେ ଅଭିଯୋଗକାରୀମାନେ ଆଗାମୀ ୭ ଦିନ ଅର୍ଥାତ ଆସନ୍ତା ଅକ୍ଟୋବର ୧୬ ତାରିଖ ସୁଦ୍ଧା ସଂଶୋଧନ ପାଇଁ ଅଭିଯୋଗ କରିପାରିବେ । ମାତ୍ର ଗତକାଲି ବିଳମ୍ବିତ ରାତି ସୁଦ୍ଧା ମାତ୍ର ୨୦ଟି ଜିଲ୍ଲାର ତାଲିକା ଘୋଷଣା କରାଯାଇଥିବାବେଳେ ୧୦ଟି ଜିଲ୍ଲାର ଘୋଷଣା କରାଯାଇନଥିଲା । ଅନ୍ୟପଟେ ଶନିବାର, ରବିବାର ଓ ଦୁର୍ଗାପୂଜା ଛୁଟିଜନିତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଅଭିଯୋଗ ସଂକ୍ରାନ୍ତ ମାମଲା ବାଧାପ୍ରାପ୍ତ ହେବ । ଚଂଚକତା କରି ପଂଚାୟତ ନିର୍ବାଚନକୁ ହାତେଇବା ପାଇଁ ଶାସକ ବିଜେଡି ପ୍ରଥମରୁ ପ୍ରକ୍ରିୟା ଆରମ୍ଭ କରିଦେଇଛି ବୋଲି ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ରାଜ୍ୟ ମୁଖପାତ୍ର ରମାରଂଜନ ବଳିୟାରସିଂହ ଏବଂ ବିଜେପି ପଂଚାୟତରାଜ କମିଟିର ରାଜ୍ୟ ସଂଯୋଜକ ଶଂକର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## WANTED

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in
THE KALINGA CHRONICLE
Popular people's Daily of Odisha

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**

**Visit at : www.thekalingachronicle.com**
**www.paryabekhyak.com**








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣୋଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଣ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସାମ୍ବିଧାନିକ ବିଧିବ୍ୟବସ୍ଥା ବନାମ ଉପେକ୍ଷିତ ଗଣମାଧ୍ୟମ

ଭୁବନେଶ୍ୱର (ପିଏନ୍): ଯୋଗାଯୋଗ ବିଜ୍ଞାନର ଅଗ୍ରଗତି ଫଳରେ ଗଣମାଧ୍ୟମ ଏବେ ସର୍ବବ୍ୟାପୀ ହୋଇଛି, ଅର୍ଥାତ୍ ବିଶ୍ୱର ପ୍ରତ୍ୟେକ ପ୍ରାନ୍ତରେ ଉପଲବ୍ଧ ହେଉଛି। ସେହି କାରଣରୁ ଗଣମାଧ୍ୟମର ପ୍ରତିଯୋଗୀମାନେ ମଧ୍ୟ ସର୍ବବ୍ୟାପୀ ହୋଇଛନ୍ତି। ପ୍ରତ୍ୟେକ ଆପଦକାଳୀନ ସ୍ଥିତିରେ ସେମାନଙ୍କର ଉପସ୍ଥିତ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ମଧ୍ୟପ୍ରାଚ୍ୟର ଯୁଦ୍ଧଭୂମି ହେଉ, ଆତଙ୍କବାଦ ପ୍ରଭାବିତ ଅ□ଳ ହେଉ, କିମ୍ବା ଜାତିଆଣ ବିଦ୍ୱେଷ ଚାଲିଥିବା ଅ□ଳରେ ସେମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଦେଶ-ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଣମାଧ୍ୟମ ଓ ତାହାର ପ୍ରତିନିଧି ବହୁମୂଲ୍ୟ ଅବଦାନ ଛାଡ଼ିଛନ୍ତି। ଆମ ଦେଶରେ ଗଣମାଧ୍ୟମ ଏବେ ଅସ୍ଥିମଜ୍ଜାଗତ ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ କ୍ଷଣରେ ଓ ପ୍ରତ୍ୟେକ ଅବସ୍ଥାରେ ସେମାନଙ୍କର ଉପସ୍ଥିତି ରହିଛି। ଭାରତର ବିଭିନ୍ନ ବିବିଧତା ସତ୍ତ୍ୱେ ସେମାନେ ଏକ ହୋଇଛନ୍ତି। ଅପରପକ୍ଷରେ ସେହି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱର ପ୍ରତ୍ୟେକ କୋଣାନୁକୋଣରେ ଚାଲିଛି। ଖାଲିଚର୍ଚ୍ଚା ନୁହେଁ ଆନ୍ତର୍ଜାତିକ ଓ ଜାତୀୟ ଆଲୋଚନାଚକ୍ର ତଥା ବିତର୍କ ସଭାମାନ ଆୟୋଜିତ ହେଉଛି। ସାମ୍ବାଦିକ ସଂଗଠନର ନେତାମାନେ ଓ ଗଣତନ୍ତ୍ରପ୍ରେମୀ ମାନେ ଦେଶ ବିଦେଶ ବୁଲି ଏହା ଉପରେ ମତ ରଖୁଛନ୍ତି। ଏହି କ୍ରମରେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି ଗଣମାଧ୍ୟମକୁ କୁହାଯାଉଛି। ଅର୍ଥାତ୍ ଗଣତନ୍ତ୍ର ପ୍ରଥମ ସ୍ତମ୍ଭ ହେଉଛି ବ୍ୟବସ୍ଥାପକ, ଦ୍ୱିତୀୟସ୍ତମ୍ଭ ହେଉଛି ନ୍ୟାୟପାଳିକା ଏବଂ ତୃତୀୟସ୍ତମ୍ଭ ହେଉଛି କାର୍ଯ୍ୟପାଳିକା ବୋଲି ସ୍ୱିକୃତ ହୋଇଥିବାବେଳେ ଏହାକୁ ୪ସ୍ତମ୍ଭ ବିଶିଷ୍ଟ କରିବା ପାଇଁ ୪ର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମକୁ ନିଆଯାଇଛି। ଏକଥା ସମସ୍ତେ ଜାଣନ୍ତି। ଅପର ପକ୍ଷରେ ପ୍ରଥମ ତିନୋଟି ସ୍ତମ୍ଭ ସାଂବିଧାନିକ ବିଧିବ୍ୟବସ୍ଥାରେ ସାମିଲ୍ ହୋଇଥିବାବେଳେ ଶେଷ ଅର୍ଥାତ୍ ୪ର୍ଥ ସ୍ତମ୍ଭ ପାଇଁ କିଛି ଉଲ୍ଲେଖ ନାହିଁ। ଏକଥା ଅଳ୍ପ କିଛି ଲୋକ ଜାଣନ୍ତି। ଯାହାକି ଏକ ବିସ୍ମୟକର ଘଟଣା। ଏହି ପ୍ରସଙ୍ଗରେ ଅନ୍ୟ ଦେଶଗୁଡ଼ିକ କଥାକୁ ବିଚାରକୁ ନିଆନଯାଇ କେବଳ ଭାରତବର୍ଷ କଥା ଚିନ୍ତା କରାଯିବା ଭଲ ହେବ। ବିଶ୍ୱର ସର୍ବବୃହତ୍ ଏହି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମ ସ୍ୱୀକୃତ କି? ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସମ୍ବିଧାନ କୁହାଯାଉଥିବା ଭାରତୀୟ ସଂବିଧାନ ଏହାକୁ ସ୍ୱୀକୃତି ଦେଇଛି କି? ଦେଶର କୌଣସି ରାଜ୍ୟର ବିଧାନସଭାରେ ଗଣମାଧ୍ୟମକୁ ସାଂବିଧାନିକ ସ୍ୱୀକୃତ ଦେବାପାଇଁ ପ୍ରସ୍ତାବ ଗ୍ରହଣ କରାଗଲାଣି କି? ଆମ ଦେଶର ଲୋକସଭା ଓ ରାଜ୍ୟସଭାରେ ସ୍ୱାଧୀନତା ପରଠାରୁ ଏ ସଂକ୍ରାନ୍ତରେ ଆଲୋଚନା ହେଲାଣି କି? ଏହି ପ୍ରଶ୍ନର ଉତ୍ତର ଆଦୌ ନାହିଁ। କାରଣ ଗଣମାଧ୍ୟମକୁ ସାଂବିଧାନିକ ସ୍ୱୀକୃତି ଦେବାପାଇଁ ବ୍ୟବସ୍ଥାପକ ସ୍ତରରେ ଅଦ୍ୟାବଧି ଆଲୋଚନା ହୋଇନାହିଁ। ଆମ ଦେଶରେ ସାମ୍ବାଦିକମାନଙ୍କ ଗଣନା ହେଲାଣି କି? ଓଡ଼ିଶା ରାଜ୍ୟରେ ଗଣନା ହୋଇଛି କି? ସେମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ କିମ୍ବା ପ୍ରୋତ୍ସାହନ ଅଛି କି? ପ୍ରଧାନମନ୍ତ୍ରୀ ପଦରେ ଥିବା ପଣ୍ଡିତ ନେହେରୁଙ୍କଠାରୁ ଆରମ୍ଭ କରି ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ତଥା ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦରେ ଥିବା ନବକୃଷ୍ଣ ଚୌଧୁରୀଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ନବୀନ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ କେହି ସାମାନ୍ୟ ଟିକେ ପଦକ୍ଷେପ ନେଇନାହାଁନ୍ତି। ସରକାର ପରେ ସରକାର ଆସିଲାଣି ଓ ଗଲାଣି। ସମସ୍ତେ ତାଙ୍କର ସଫଳତା ପାଇଁ ଗଣମାଧ୍ୟମକୁ ସାଧୁବାଦ ଜଣାଉଥିବା ବେଳେ ବିଫଳତା ପାଇଁ ଦାୟୀ କରୁଛନ୍ତି। ଦେଶର ହଜାର ହଜାର ରାଜନେତାଙ୍କର ନିଜର ଖବରକାଗଜ ବା ଟିଭି ଚ୍ୟାନେଲ୍ ରହିଛି। କହିବା ବାହୁଲ୍ୟ ଯେ, ଗଣମାଧ୍ୟମ ଲୋକଙ୍କ ସହିତ ଅଛି। ସମ୍ବିଧାନର ଆଢୁଆଳରେ ଥାଇ ମଧ୍ୟ ନିଜର ପରିଚୟ ନିଜେ ସୃଷ୍ଟି କରିଛି। ନିଜକୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ବୋଲି ପ୍ରତିପାଦିତ କରିଛି। ଯାହାକୁ ବ୍ୟବସ୍ଥାପକ ସମେତ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ଖୋଲାଖୋଲି ସ୍ୱୀକାର କରୁଛନ୍ତି। ବହୁକ୍ଷେତ୍ରରେ ନିର୍ଭର ମଧ୍ୟ କରୁଛନ୍ତି। ବାସ୍ତବରେ ସେହି ଗଣମାଧ୍ୟମର ମୂଳ ଭିତ୍ତି ନାହିଁ। ଅର୍ଥାତ୍ ଚେରମୂଳ ନାହିଁ। ସେମାନେ ଭାସମାନ ଅବସ୍ଥାରେ ଥାଇ କାର୍ଯ୍ୟ କରୁଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ। ଦୁଃଖର କଥା ହେଉଛି ଯେ, ସ୍ୱାଧୀନତା ପରେ ଆମ ଦେଶରେ ଯେଉଁ ସଂବିଧାନ ପ୍ରଣୟନ ସଭା ଗଠନ କରାଯାଇଥିଲା, ସେହି ସଭା ଗଣମାଧ୍ୟମକୁ ଭୁଲି ଯାଇଥିଲା। ସେହି ପ୍ରଣୟନ ସଭାରେ ଦେଶର ବହୁ ଜ୍ଞାନୀ ଗୁଣି, ରାଜନୀତି ବିଶାରଦ, ସମାଜ ବିଜ୍ଞାନୀ, ରାଜନେତା, ସଂଗ୍ରାମୀ ଓ ଶିକ୍ଷାବିତ୍‌ମାନେ ଅନ୍ତର୍ଭୁକ୍ତ ହୋଇଥିଲେ। ତାହାର ଅଧ୍ୟକ୍ଷ ଥିଲେ ଡଃ ବି.ଆର. ଆମ୍ବେଦକର। ମାତ୍ର ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ ସବୁ ବର୍ଗର, ସବୁ ଶ୍ରେଣୀର, ସବୁ ଧର୍ମର, ସବୁ ବର୍ଣ୍ଣର, ସବୁ ଜାତିର ଏବଂ ସବୁ ଅ□ଳର ଲୋକମାନଙ୍କ ପାଇଁ ଏବଂ ସଂସ୍ଥା ପାଇଁ ସାଂବିଧାନିକ ବିଧିବ୍ୟବସ୍ଥା କାର୍ଯ୍ୟକାରୀ ହେଲା। ମାତ୍ର ଗଣମାଧ୍ୟମ କଥା କେହି ଉଠାଇଲେ ନାହିଁ। ସବୁଠାରୁ ପରିତାପ ହେଉଛି ଯେ, ସ୍ୱାଧୀନତା ସଂଗ୍ରାମ କାଳରେ ଭାରତୀୟ ଗଣମାଧ୍ୟମ ମହନୀୟ ଅବଦାନ ଦେଇଥିଲା। ପ୍ରବଳ ପ୍ରତାପୀ ବ୍ରିଟିଶ୍ ଶାସକମାନେ ସେତେବେଳର ଗଣମାଧ୍ୟମର କଣ୍ଠରୋଧ କରିଥିବାର ଉଦ୍ୟମ କରିଥିଲାବେଳେ ସେତେବେଳର ସାମ୍ବାଦିକମାନେ ନିଜର ଜୀବନକୁ ତୁଚ୍ଛ ମନେକରି ଦେଶକୁ ସ୍ୱାଧୀନତା ହେବାପାଇଁ ସଫଳ ଉଦ୍ୟମ କରିଥିଲେ। ସମଗ୍ର ଦେଶରେ ବ୍ରିଟିଶ ଶାସନ ବିରୋଧୀ ମନୋଭାବ ସୃଷ୍ଟି କରିଥିଲେ। ଯାହାଫଳରେ ଦେଶର ପ୍ରତ୍ୟେକ ଅ□ଳରେ ବ୍ରିଟିଶ୍ ସରକାର ବିରୁଦ୍ଧରେ ମନୋଭାବ ସୃଷ୍ଟି ହୋଇଥିଲା। ବହୁ ଲୋକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ବହୁ ଛାତ୍ରଛାତ୍ରୀ ପାଠପଢ଼ା ଛାଡି ସଂଗ୍ରାମ ସହିତ ସାମିଲ ହୋଇଥିଲେ। ଜେଲ୍ ମଧ୍ୟ ଯାଇଥିଲେ। ବହୁ ସଂଗ୍ରାମୀ ସେତେବେଳେ ଖବରକାଗଜ ପ୍ରକାଶନ ଏବଂ ସମ୍ପାଦନ କରିଥିଲେ। ଓଡ଼ିଶାରେ ମଧ୍ୟ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ ଏବଂ ବାଳକୃଷ୍ଣ କରଙ୍କ ପରି ମହାନ୍ ସଂଗ୍ରାମୀମାନେ ଖବରକାଗଜ ପ୍ରକାଶନ କରି ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେଇଥିଲେ। ଜାତୀୟ ସ୍ତରରେ ଏହି ଘଟଣାର ବ୍ୟାପକତା ହୋଇଥିଲା। ଏପରିକି ସେତେବେଳେ ସଂବିଧାନ ପ୍ରଣୟନ ସଭାର ସଭ୍ୟମାନଙ୍କ ମଧ୍ୟରୁ କେତେକ ଖବରକାଗଜ ସମ୍ପାଦକ ମଧ୍ୟ ଥିଲେ। ସ୍ୱୟଂ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଏକ ଖବରକାଗଜ ଥିବା କଥା ସମସ୍ତେ ଜାଣନ୍ତି। ଏହାସତ୍ତ୍ୱେ ଗଣମାଧ୍ୟମ ସପକ୍ଷରେ ସେହି ଗୁରୁତ୍ୱପୂର୍ଣ୍ଣ ସଭାରେ କେହି କହିଲେ ନାହିଁ। ଗଣମାଧ୍ୟମ ଆମର ସଂବିଧାନର ଆଢୁଆଳରେ ରହିଗଲା। ଗଣମାଧ୍ୟମ ସଂବିଧାନର ପରିସରଭୁକ୍ତ ହୋଇପାରିଲା ନାହିଁ। ଯାହାଫଳରେ ସାମ୍ବାଦିକମାନଙ୍କ ପାଇଁ କିଛି ନୀତି ନିୟମ ରହିଲା ନାହିଁ। ସାମ୍ବାଦିକମାନଙ୍କର ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ଅଛି କି? ସାମ୍ବାଦିକତା ବୃତ୍ତିରେ ଅର୍ଥାତ୍ ଗଣମାଧ୍ୟମ ସଂସ୍ଥାରେ ଯୋଗଦେବା ପାଇଁ ବୟସସୀମା ଧାର୍ଯ୍ୟ କି? ଅବସର ବୟସ ସୀମା ଅଛି କି? ଦରମା କିମ୍ବା ଅବସରକାଳୀନ ପ୍ରାପ୍ୟ ନିର୍ଦ୍ଧାରିତ ହୋଇଛି କି? ସାମ୍ବାଦିକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ପୋଷାକ ପରିଧାନ (ଡ୍ରେସ୍‌କୋର୍ଡ) ନିର୍ଦ୍ଦିଷ୍ଟ ହୋଇଛି କି? କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସାମ୍ବାଦିକମାନେ ସାମିଲ୍ କି? ରାଜ୍ୟସଭାରେ ମନୋନୀତ ସଭ୍ୟଙ୍କ ମଧ୍ୟରେ ସାମ୍ବାଦିକ ମାନଙ୍କ ପାଇଁ କିଛି ସ୍ଥାନ ସଂରକ୍ଷିତ ଅଛି କି? ସେମାନେ ସରକାରୀ ସୁବିଧା ପାଇବା ପାଇଁ ହକ୍‌ଦାର କି? କେତେକ ରାଜ୍ୟରେ ବୟସ୍କ ବା ବୃଦ୍ଧ ସାମ୍ବାଦିକମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ହୋଇସାରିଥିଲା ବେଳେ ଓଡ଼ିଶା ସମେତ ବାକି ରାଜ୍ୟମାନଙ୍କରେ ଏହା କାର୍ଯ୍ୟକାରୀ ନ ହେବାର କାରଣ କ'ଣ? ସର୍ବୋପରି କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିବା ପଛରେ କି ରହସ୍ୟ ରହିଛି? ସାମଗ୍ରୀକ ଭାବେ କହିବାକୁ ଗଲେ ଭାରତୀୟ ଗଣମାଧ୍ୟମ ଦେଶର ସାଂବିଧାନିକ ବିଧିବ୍ୟବସ୍ଥାରେ ସାମିଲ୍ ହୋଇନଥିବାରୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମିଳିବା କଷ୍ଟକର-ସମ୍ଭବ ମଧ୍ୟ ନୁହେଁ। ଏଭଳି ସ୍ଥିତିରେ ଦେଶର ଗଣତନ୍ତ୍ରର ସଫଳତା ଜନମଙ୍ଗଳ, ସ୍ୱଚ୍ଛତା ଏବଂ ବିଶ୍ୱରେ ପ୍ରାଧାନ୍ୟ ଦୃଷ୍ଟିରୁ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ଗଣମାଧ୍ୟମକୁ ସ୍ଥାନ ଦେବା ପାଇଁ ବିଳମ୍ବରେ ହେଲେବି ସାଧୁ ଉଦ୍ୟମ ହେବ କି? ବିଶେଷକରି ଗଣମାଧ୍ୟମ ଜରିଆରେ ଲୋକପ୍ରିୟତା ବା ଜନମତ ହାସଲ କରୁଥିବା ରାଜନେତା ଓ ରାଜନୈତିକ ଦଳମାନେ ଉଦ୍ୟମ କରିବେ କି?

# ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଗାଇଡ୍‌ର ଜିଲ୍ଲା ତାଲିମ କମିଶନର ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂସ୍ଥା ତରଫରୁ ଅନ୍‌ଲାଇନ୍ ମାଧ୍ୟମରେ ଜିଲ୍ଲା ତାଲିମ କମିଶନରମାନଙ୍କର ସମ୍ମିଳନୀ ଆରମ୍ଭ କରାଯାଇଛି। କୌଣସି କାରଣ ବଶତଃ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍ ଟେନିଂ ନେବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଆଗ୍ରହୀ ବ୍ୟକ୍ତିମାନଙ୍କ ପାଇଁ ଏହି ସଂସ୍ଥାରେ ସାମିଲ ହେବାର ସୁଯୋଗ ସୃଷ୍ଟି କରିବା ସହିତ ସେମାନେ କିପରି ନୂତନ ଇଉନିଟ୍ ପଞ୍ଜିକରଣ କରିପାରିବେ ଏବଂ ସେଗୁଡ଼ିକୁ ସୂଚାରୁ ରୂପେ ପରିଚାଳିତ କରିପାରିବେ ସେ ସଂପର୍କରେ ବିଶଦ ଆଲୋଚନା କରାଯାଇଥିଲା। ଫଳସ୍ୱରୂପ ଜିଲ୍ଲା ସ୍ତରରେ ସ୍କାଉଟ୍ ଗାଇଡ଼ର ପ୍ରଚାର ଓ ପ୍ରସାର ହେବା ସହିତ ଅଧିକରୁ ଅଧିକ ପିଲାମାନେ ସମାଜ ସେବାରେ ନିଜକୁ ନିୟୋଜିତ କରିପାରିବେ ବୋଲି ଆଶା କରାଯାଏ। ଏହି ତାଲିମ ଶିବିରକୁ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଶିବିରଟି ରାଜ୍ୟ ତାଲିମ କମିଶନର (ସ୍କାଉଟ) ଶ୍ରୀ ସୁରଜିତ୍ ସେନ୍, ରାଜ୍ୟ ତାଲିମ କମିଶନର (ଗାଇଡ଼) ସୁଶ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ପରିଚାଳନା କରିଥିଲେ। ରାଜ୍ୟ ସାଂଗଠନିକ କମିଶନର (ଗାଇଡ୍) ଏବଂ ଆଡିମିନି ଷ୍ଟ୍ରେଟିଭ ଅଫିସର ଶ୍ରୀମତୀ ଅନାମିକା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଞ୍ଜନ ପଟ୍ଟନାୟକ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଙ୍ଗପଡା ପ□ାୟତରେ କୋଭିଡ ଟୀକାକରଣ କେନ୍ଦ୍ର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପ□ାୟତର ଗୋଗୁଆ କମ୍ୟୁନିଟି ସେଂଟରରେ କୋଭିଡ ଟୀକାକରଣ କେନ୍ଦ୍ର ସମିତି ସଭ୍ୟା ମମତାରାଣୀ ଧଳଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କେନ୍ଦ୍ରରେ ଗାଙ୍ଗପଡା ପ□ାୟତର ଲୋକମାନଙ୍କୁ କୋଭିଡ ଟୀକା ପ୍ରଦାନ କରାଯିବ। ପ୍ରଥମ ଦିବସରେ ଟୀକାକରଣ କାର୍ଯ୍ୟରେ ସୁନିତ କୁମାର ବଳ, ଶତ୍ରୁଘନ ବିଶ୍ୱାଳ, ମୁରଲୀଧର ଦାସ, ବିଚିତ୍ରାନନ୍ଦ ଜେନା, ପ୍ରଦୀପ ବଳ, ଉମାକାନ୍ତ ମହାରଣା, ସର୍ବେଶ୍ୱର ମଲ୍ଲ, ବିଭୁ ପ୍ରସାଦ ପରିଡା, ଭ୍ରମରବର ସେଠୀ, ଜଗନମୋହନ ସାହୁ, ନିରଞ୍ଜନ ପାତ୍ର, ପ୍ରଫୁଲ୍ଲ ରାଉତ, ଅସିତବନ୍ଧୁ ଧଳ, ସେକ ଗୋରା, ସେକ ଓସିମୁଦ୍ଦିନ ପ୍ରମୁଖ ସହଯୋଗ କରିଥିଲେ।

## କିଶୋର ତରାଇ ପାଟଣା ଓ କେଉଁଝର ସଦର ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ



କେନ୍ଦ୍ରାପଡ଼ା (ପିଏନ୍): ଆଗାମୀ ତ୍ରିସ୍ତରୀୟ ପ□ାୟତ ନିର୍ବାଚନ ନିମନ୍ତେ କେନ୍ଦ୍ରାପଡାର ପୂର୍ବତନ ବିଧାୟକ ତଥା ଲୋକପ୍ରିୟ ନେତା କିଶୋର ଚନ୍ଦ୍ର ତରାଇଙ୍କୁ କେଉଁଝର ଜିଲ୍ଲାର ପାଟଣା ଓ କେଉଁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଜେଡି ପକ୍ଷରୁ ଦଳୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ପ□ାୟତ ନିର୍ବାଚନ ପୂର୍ବରୁ ଦଳର ସଂଗଠନକୁ ଶକ୍ତିଶାଳୀ ଓ ମଜଭୁତ କରିବା ପାଇଁ ଦଳ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଦଳୀୟ ଅସନ୍ତୋଷକୁ ସମାଧାନ କରି ଆସନ୍ତା ପ□ାୟତ ନିର୍ବାଚନରେ ବିଜେଡିକୁ ଅଧିକ ଶକ୍ତିଶାଳୀ କରିବା ଲକ୍ଷରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ନିଯୁକ୍ତିକୁ ନେଇ କେନ୍ଦ୍ରାପଡାରେ ବିଜେଡିର ପ୍ରମୁଖ କର୍ମକର୍ତ୍ତା ଓ କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଓସା ପକ୍ଷରୁ ସଚେତନତା



କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ସୂଚନା ଅଧିକାର ଅଭିଯାନ(ଓସା)କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଆରମ୍ଭ ହୋଇଥିବା ସପ୍ତାହ ବ୍ୟାପି ସୂଚନା ଅଧିକାର ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାରେ ଆରମ୍ଭ ହୋଇଛି। ଗତ ସୋମବାର ସେହି କ୍ରମରେ କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା ଶିବିର ସୂଚନା ଅଧିକାର ଅଭିଯାନ କେନ୍ଦ୍ରାପଡା ବ୍ଲକ ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକମାନେ କିପରି ଏହି ଆଇନର ବ୍ୟବହାର କରି ସେମାନଙ୍କ ନାର୍ଯ୍ୟ ଦାବି ହାସଲ ସହ ଦୁର୍ନୀତି ବିରୋଧୀ ଲଢେଇରେ ସାମିଲ ହୋଇପାରିବେ ସେଥି ନିମନ୍ତେ ସେମାନଙ୍କୁ ସଚେତନ କରାଯାଇଥିଲା। ଏହି ଆଇନକୁ ବ୍ୟବହାର କରି ସମାଜରୁ ଦୁର୍ନୀତି ହଟାଇବାକୁ ଆହ୍ୱାନ ଦେଇଛି ସୂଚନା ଅଧିକାର ଅଭିଯାନ କେନ୍ଦ୍ରାପଡା ବ୍ଲକ ଶାଖା। ଏହି କାର୍ଯ୍ୟକ୍ରମରେ ସୂଚନା ଅଧିକାର କର୍ମୀ ନିରଞ୍ଜନ ପରିଡା, ପ୍ରକାଶ ଦାସ, ଭାଗିରଥୀ ଜେନା, ମନୋଜ ନାୟକ, ନରେନ୍ଦ୍ର ଧଳ, ଦୁଷ୍ମନ୍ତ ଆଚାର୍ଯ୍ୟ, ସୁନିଲ ମହାପାତ୍ର, ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇ ୫୦ରୁ ଉର୍ଦ୍ଧ୍ୱ ସାଧାରଣ ଜନତାଙ୍କୁ ଏହି ଆଇନ ସମ୍ପର୍କରେ ସଚେତନ କରାଇଥିଲେ।

## ଜାତୀୟ ସ୍ତରର ପୂର୍ବତନ ଭଲିବଲ ଖେଳାଳୀଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): ଭଲିବଲ ଖେଳକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧିନସ୍ଥ ତରଡିପାଳ ଗ୍ରାମର ବିଶିଷ୍ଟ କ୍ରୀଡାବିତ ତଥା ଜାତୀୟ ସ୍ତରର ପୂର୍ବତନ ଭଲିବଲ ଖେଳାଳୀ ପ୍ରଫୁଲ୍ଲ ବିଶ୍ୱାଳଙ୍କ ୫୮ବର୍ଷ ବୟସରେ କଟକର ଏକ ଘରୋଇ ଡାକ୍ତରଖାନାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବିଶ୍ୱାଳ ଗ୍ରାମା□ଳ ଭଲିବଲ ଖେଳ ପ୍ରତିଯୋଗିତାରେ ପାରଦର୍ଶିତା ଦେଖାଇ ୯୦ଦଶକରେ ଓଡିଶା ପୋଲିସରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ। ସେ ବିଭିନ୍ନ ସମୟରେ ଓଡିଶା ପୋଲିସର ଭଲିବଲ ଦଳରେ ପ୍ରତିନିଧିତ୍ୱ କରି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପ୍ରତିଯୋଗୀତାରେ ଭାଗନେଇ ରାଜ୍ୟ ପାଇଁ ସୁନାମ ଅର୍ଜନ କରିଥିଲେ। କନ୍ଧମାଳ ଜିଲ୍ଲାରେ ପୋଲିସ ସବଇନିସପେକ୍ଟର ଭାବେ କାର୍ଯ୍ୟରତ ଥିବା ସ୍ୱର୍ଗତ ବିଶ୍ୱାଳଙ୍କ ମରଶରୀର ଜନ୍ମମାଟି ତରଡିପାଳ ଗ୍ରାମରେ ପହ□ିବା ପରେ ଜାତୀୟ କ୍ରୀଡା ସଂସଦର କର୍ମକର୍ତ୍ତାମାନେ ଉପସ୍ଥିତ ରହି ତାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଅ□ଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ରିପନ ମୁଖାଗ୍ନି ଦେଇଥିଲେ। ବରିଷ୍ଠ ଖେଳାଳୀ ନୃସିଂହ ବିଶ୍ୱାଳ, ବସନ୍ତ ବିଶ୍ୱାଳ, ସୁଶିଲ ବିଶ୍ୱାଳ, ଜନ୍ମେଜୟ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ରୁହିନାଥ ସାମଲ, ବଟକୃଷ୍ଣ ତ୍ରିପାଠୀ, ପଦ୍ମନାଭ ରାଉତ, ଅଶୋକ ବିଶ୍ୱାଳ, ଜ୍ଞାନରଞ୍ଜନ ବିଶ୍ୱାଳ, ନନ୍ଦ କିଶୋର ଧଳ, ରାଜକିଶୋର ବିଶ୍ୱାଳ, ସଚ୍ଚିଦାନନ୍ଦ ବିଶ୍ୱାଳ, ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ପ୍ରଭାତରଞ୍ଜନ ବିଶ୍ୱାଳ, ତରଡିପାଳ ସରପ□ ପ୍ରିୟଦର୍ଶିନୀ ତରାଇ, ପ୍ରମୋଦ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଇଂ ଧନେଶ୍ୱର ବିଶ୍ୱାଳ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରି ପରିବାରକୁ ସମବେଦନା ଜଣାଇଛନ୍ତି।

## ଆଳି ସାର ଦୋକାନୀକୁ ଗୁଳିକରି ହତ୍ୟା ଘଟଣାରେ ହାଇଦର ପୁଅ ମୁନାକୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା (ପିଏନ୍): ଆଳି ବଜାର ସାର ଦୋକାନୀକୁ ଗୁଳିକରି ହତ୍ୟା କରିବା ଘଟଣାରେ କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଗ୍ୟାଙ୍ଗଷ୍ଟର ମୁନା ଓରଫ ସେକ କାଦିରକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି। ଘଟଣା ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ଆଳି ବଜାରରେ ଥିବା ସାର ଦୋକାନୀର ମାଲିକ ସୋନୁ ଓରଫ ସାହାନୱାଜ ଖାଁଙ୍କୁ ଗ୍ୟାଙ୍ଗଷ୍ଟର ହାଇଦରର ପୁଅ ମୁନା ଓରଫ ସେକ କାଦିର ଦାଦାବଟି ମାଗିଥିଲା। କିନ୍ତୁ ସୋନୁ ଦାଦାବଟି ନଦେବାରୁ ଗତ ୨୦୧୦ମସିହା ମଇମାସ ୨୪ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଆଳିବଜାରସ୍ଥିତ ସାର ଦୋକାନରେ ବସିଥିବା ବେଳେ ସୋନୁ ଓରଫ ସାହାନୱାଜ ଖାଁଙ୍କୁ ହାଇଦରର ପୁଅ ମୁନା ଓରଫ ସେକ କାଦିର ଗୁଳି କରିଥିଲା। ଏଥିସହିତ ସୋନୁଙ୍କ ଦାଦା ୱାଜିଦ ଖାଁଙ୍କୁ ମଧ୍ୟ ମୁନା ଗୁଳି କରିଥିଲା। ଉଭୟ ସୋନୁ ଏବଂ ୱାଜିଦଙ୍କୁ ପ୍ରଥମେ ଆଳି ଡାକ୍ତରଖାନା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସୋନୁଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ୱାଜିଦ ଡାକ୍ତରଖାନାରେ ଚିକିତ୍ସିତ ହୋଇ ବ□ିଯାଇଥିଲେ। ଆଳି ଥାନା କେଶ ନମ୍ବର ୫୫/୨୦୧୦ ତଥା ଏସ.ଟି. କେଶ ନମ୍ବର -୭୪/ ୨୦୧୩ରେ ସେହି ହତ୍ୟା ମାମଲାର ବିଚାର କରି ଜିଲ୍ଲାଦୌରାଜଜ ଗତ ସୋମବାର ଅଭିଯୁକ୍ତ ହାଇଦରର ପୁଅ ମୁନା ଓରଫ ସେକ କାଦିରକୁ ୩୦୨ଦଫାରେ ଆଜୀବନ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୩୦୭ଦଫାରେ ୫ବର୍ଷ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଏବଂ ୨୫ ଓ ୨୭ ଆର୍ମସ ଆକ୍ଟରେ ପ୍ରତ୍ୟେକ ୩ବର୍ଷକରି କାରାଦଣ୍ଡ ଓ ୫ହଜାର ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଦର୍ଶାଇଥିବା ଅନ୍ୟ ୮ଜଣଙ୍କ ମଧ୍ୟରୁ ଅଭିଯୁକ୍ତ ସେକ ଯାଦୋଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଜଣେ ଫେରାର ରହିଛି। ଅନ୍ୟ ୬ଜଣ ସେକ ଲୋକମାନ, ସେକ ମୁକ୍ତାର ଅଲ୍ଲୀ, ରୋସନା ବିବି, ସେକ ଲିଆକତ ଓ ସେକ ଗରିବ ପ୍ରମୁଖଙ୍କୁ ଜିଲ୍ଲାଦୌରାଜଜ ପ୍ରମାଣ ଅଭାବରୁ ଖଲାସ କରିଦେଇଥିବା ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମାନସରଞ୍ଜନ ବେହେରା କୋର୍ଟରେ ମାମଲା ପରିଚାଳନା କରୁଥିବା ବେଳେ ମୁନା ଓରଫ ସେକ କାଦିରଙ୍କ ପକ୍ଷରୁ ଆଇନଜୀବୀ ରବି ମହାନ୍ତି ଓ ସୂର୍ଯ୍ୟ ମିଶ୍ର ଏବଂ ଖଲାସ ହୋଇଥିବା ୬ଜଣଙ୍କ ପକ୍ଷରୁ ଆଇନଜୀବୀ ଦେବଦାସ ମହାନ୍ତି କୋର୍ଟରେ ମାମଲା ପରିଚାଳନା କରୁଥିଲେ।

# ବୈଷ୍ଣୋଦେବୀ ମନ୍ଦିରର ଇତିହାସ ଓ ପୌରାଣିକ କଥା



**ମା'** ବୈଷ୍ଣୋ ଦେବୀଙ୍କ ବିଶ୍ୱ ପ୍ରସିଦ୍ଧ ଓ ପ୍ରାଚୀନ ମନ୍ଦିର ଆମ ଦେଶର ଜାମ୍ମୁ ଓ କାଶ୍ମୀର ରାଜ୍ୟର କଟରା ନଗର ନିକଟସ୍ଥ ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ। ଏହି ପାହାଡ଼ ଗୁଡ଼ିକୁ ତ୍ରିକୁଟା ପାହାଡ଼ କୁହାଯାଏ। ଏହି ସ୍ଥାନରୁ ପ୍ରାୟ ୫ହଜାର ୨ଶହ ଫୁଟ ଉଚ୍ଚରେ ମାତା ରାଣୀଙ୍କ ମନ୍ଦିର ଅବସ୍ଥିତ। ଏହା ଭାରତରେ ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ପରେ ଦ୍ୱିତୀୟ ସର୍ବାଧିକ ଦର୍ଶନ କରା ଯାଉଥିବା ଧାର୍ମିକ ତୀର୍ଥ ସ୍ଥଳ। ତ୍ରିକୁଟା ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ ଏକ ଗୁମ୍ଫାରେ ମାତା ବୈଷ୍ଣୋ ଦେବୀଙ୍କ ସ୍ୱଂୟ ତିନି ମୂର୍ତ୍ତି ପୂଜା ପାଉଛନ୍ତି। ଦେବୀ କାଳୀ (ଡ଼ାହାଣ), ଦେବୀ ସରସ୍ୱତୀ(ବାମ) ଓ ଦେବୀ ଲକ୍ଷ୍ମୀ(ମଧ୍ୟ) ପିଣ୍ଡି ଭାବରେ ବିରାଜିତା। ଏହି ତିନି ପିଣ୍ଡି ମାନଙ୍କର ସମ୍ମିଳିତ ରୂପକୁ ବୈଷ୍ଣୋ ଦେବୀ ମାତା କୁହାଯାଏ। ଏହି ସ୍ଥାନକୁ ମାତାଙ୍କ ଭବନ କୁହାଯାଏ। ଏହି ପବିତ୍ର ଗୁମ୍ଫାର ଲମ୍ବ ୯୮ଫୁଟ। ଏହି ଗୁମ୍ଫାରେ ଏକ ବଡ଼ ଉଚ୍ଚ ପିଣ୍ଡା ରହିଛି। ଏହି ପିଣ୍ଡା ଉପରେ ମାତାଙ୍କ ଆସନ ରହିଛି, ଯେଉଁଠି ଦେବୀ ତ୍ରିକୁଟା ନିଜ ମାତାଙ୍କ ସହିତ ବିରାଜମାନ ଅଛନ୍ତି। ମାତାଙ୍କ ଭବନ କହିଲେ, ଯେଉଁଠି ମାତା ଭୈରବ ନାଥଙ୍କର ବଦ୍ଧ କରିଥିଲେ। ପୁରାତନ ଗୁମ୍ଫା ପାଖରେ ଭୈରବଙ୍କର ଶରୀର ରହିଛି ଓ ତାଙ୍କର ମୁଣ୍ଡ ଉଡ଼ି ଉଡ଼ି ତିନି କିଲୋମିଟର ଦୂର ଭୈରୋ ଘାଟୀରେ ପଡ଼ିଥିଲା ଏବଂ ଶରୀର ଏଠାରେ ରହିଗଲା। ଯେଉଁ ସ୍ଥାନରେ ମୁଣ୍ଡ ପଡ଼ିଲା, ଆଜି ସେହି



ସ୍ଥାନ "ଭୈରୋନାଥ ମନ୍ଦିର" ନାମରେ ଜଣାଶୁଣା। କଟରା ଠାରୁ ହିଁ ବୈଷ୍ଣୋ ଦେବୀଙ୍କ ପାଦ ବନ୍ଦନା ଆରମ୍ଭ ହୋଇ ଭବନ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ଓ ଭୈରୋ ମନ୍ଦିର ପର୍ଯ୍ୟନ୍ତ ୧୪.୫ କିଲୋମିଟର ପର୍ଯ୍ୟନ୍ତ ଶେଷ ହୋଇଥାଏ।

**ମନ୍ଦିରର ପୌରାଣିକ କାହାଣୀ:** ମନ୍ଦିର ସଂପର୍କରେ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି। ଥରେ ତ୍ରିକୁଟ ପାହାଡ଼ ଉପରେ ଏକ ସୁନ୍ଦରୀ କନ୍ୟାକୁ ଦେଖି ଭୈରବନାଥ ତାକୁ ଧରିବା ପାଇଁ ଅଗ୍ରସର ହେଲେ। ହଠାତ୍ ସେହି କନ୍ୟା ବାୟୁ ରୂପରେ ପରିବର୍ତ୍ତିତ ହୋଇ ତ୍ରିକୁଟା ପର୍ବତ ଆଡ଼କୁ ଉଡ଼ି ଚାଲିଲେ। ଭୈରବନାଥ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ। କୁହାଯାଏ ଯେ, ସେତେବେଳେ ମାତାଙ୍କୁ ରକ୍ଷା କରିବା ପାଇଁ ସେଠାରେ ପବନ ପୁତ୍ର ହନୁମାନ ପହ□ିଗଲେ। ସେତିକିବେଳେ ହନୁମାନଙ୍କୁ ଶୋଷ ଲାଗିବାରୁ ମାତା ତାଙ୍କ ପାଇଁ ଧନୁରେ ପାହାଡ଼ ଉପରକୁ ବାଣ ଚଳାଇ ଏକ ଜଳାଧାର ସୃଷ୍ଟି କଲେ ଓ ସେହି ଜଳରେ ନିଜର କେଶ ମଧ୍ୟ ଧୋଇଲେ। ତା'ପରେ ସେଠାରେ ଏକ ଗୁମ୍ଫାରେ ପ୍ରବେଶ କରି ମାତା ନଅ ମାସ ପର୍ଯ୍ୟନ୍ତ ତପସ୍ୟା କଲେ। ହନୁମାନ ତାଙ୍କୁ ଜଗି ରହିଲେ।



ପୁଣି ଭୈରୋନାଥ ସେଠାରେ ପହଂଚି ଉତ୍ପାତ ଆରମ୍ଭ କଲେ। ଏହି ସମୟରେ ଜଣେ ସାଧୁ ଭୈରୋନାଥଙ୍କୁ କହିଲେ, "ତୁ ଯାହାକୁ ଏକ କନ୍ୟା ଭାବୁଛୁ, ସେ ଆଦିଶକ୍ତି ଜଗଦମ୍ବା। ଏଣୁ ସେହି ମହାଶକ୍ତିଙ୍କ ପିଛା ଛାଡ଼ିଦେ!" ମାତ୍ର ଭୈରୋନାଥ ସାଧୁଙ୍କ କଥା ମାନିଲେ ନାହିଁ। ତେବେ ମାତା ଗୁମ୍ଫାର ଅନ୍ୟ ଏକ ରାସ୍ତାରେ ବାହାରି ଗଲେ। ଏହି ଗୁମ୍ଫା ଆଜି ମଧ୍ୟ ଅର୍ଦ୍ଧ କୁମାରୀ ବା ଆଦି କୁମାରୀ ନାମରେ ପ୍ରସିଦ୍ଧ। ଅର୍ଦ୍ଧ କୁମାରୀ ପୂର୍ବରୁ ମାତାଙ୍କ ଚରଣ ପାଦୁକା ମଧ୍ୟ ଏଠାରେ ରହିଛି, ମାତା ଦୌଡ଼ି ଦୌଡ଼ି ମୁହଁ ବୁଲେଇ ଭୈରବନାଥକୁ ଦେଖିଥିଲେ। ଶେଷରେ ଗୁମ୍ଫାରୁ ବାହାରି କନ୍ୟା ଦେବୀଙ୍କ ରୂପ ଧାରଣ କଲେ ଓ ଭୈରବନାଥ ଫେରି ଯିବାର ସଙ୍କେତ ପାଇ ପୁଣି ଗୁମ୍ଫାକୁ ଚାଲିଗଲେ। କିନ୍ତୁ ଭୈରବନାଥ କିଛି ସମୟ ପରେ ପୁଣି ଗୁମ୍ଫାରେ ପ୍ରବେଶ କରିବାକୁ ଲାଗିଲା। ଏହା ଦେଖି ମାତାଙ୍କ ଗୁମ୍ଫା ଜଗିଥିବା ହନୁମାନ ଭୈରବନାଥ ସହ ଯୁଦ୍ଧ କରିବାକୁ ଆହ୍ୱାନ ଦେଲେ ଓ ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା। ଯୁଦ୍ଧର ଶେଷ ନହେବା ଦେଖି ମାତା ବୈଷ୍ଣୋ ଦେବୀ ମହାକାଳୀ ରୂପ ଧାରଣ କରି ଭୈରବନାଥକୁ ବଦ୍ଧ କରିଦେଲେ। ତେବେ କୁହାଯାଏ ଯେ, ଭୈରବନାଥ ନିଜ ମୃତ୍ୟୁ ପରେ ନିଜ ଭୁଲର ଅନୁଭବ କଲେ ଓ ସେ ମାତାଙ୍କ ଠାରୁ କ୍ଷମା ଭିକ୍ଷା କଲେ। ମାତା ବୈଷ୍ଣୋ ଦେବୀ ଜାଣିଥିଲେ ଯେ, ତାଙ୍କ ଉପରେ ଆକ୍ରମଣ କରିବା ପଛରେ ଭୈରବଙ୍କର ପ୍ରମୁଖ ଅଭିପ୍ରାୟ ଥିଲା ମୋକ୍ଷ ପ୍ରାପ୍ତି। ସେ ଭୈରବଙ୍କୁ କେବଳ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ ନୁହେଁ, ବରଂ ତାକୁ ବରଦାନ ଦେଇ କହିଲେ, "ମୋର ଦର୍ଶନ ସେପର୍ଯ୍ୟନ୍ତ ସଫଳ ହେବନି, ଯେପର୍ଯ୍ୟନ୍ତ କୌଣସି ଭକ୍ତ ମୋ ପରେ ତୁମର ଦର୍ଶନ କରିବେ ନାହିଁ!"

**ମନ୍ଦିରର କଥା:** ଉପରୋକ୍ତ କଥାକୁ ବୈଷ୍ଣୋ ଦେବୀଙ୍କ ଭକ୍ତ ଶ୍ରୀଧର ସଂପର୍କରେ ଦେଖା ଯାଇପାରେ। ସାତ ଶହରୁ ଅଧିକ ବର୍ଷ ତଳେ କଟରାରୁ କିଛି ଦୂରରେ ଅବସ୍ଥିତ ହଂସାଳୀ ଗାଁରେ ମା'ବୈଷ୍ଣୋ ଦେବୀଙ୍କ ପରମ ଭକ୍ତ ଶ୍ରୀଧର ରହୁଥିଲେ। ସେ ନିଃସନ୍ତାନ ଓ ଦରିଦ୍ର ଥିଲେ। ସେ ପ୍ରାୟ ଭାବୁଥିଲେ, ଦିନେ ସେ ମାତାଙ୍କ ପୂଜା ରଖିବ। କିଛି ଦିନ ପରେ ଶ୍ରୀଧର ଆଖପାଖର ସବୁ ଗାଁ ଲୋକଙ୍କୁ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ।



ପୂଜା ଦିନ ଶ୍ରୀଧର ଘର ଘର ବୁଲିଲେ, ଯେପରି କିଛି ଭୋଜନ ସାମଗ୍ରୀ ମିଳିବ ଓ ସେଥିରେ ଭକ୍ତ ମାନଙ୍କୁ ସେ ପ୍ରସାଦ ଖୁଆଇ ପାରିବେ। ଯେତିକି ଲୋକେ ତାଙ୍କୁ ସାହାଯ୍ୟ ଦେଲେ, ତାହା ଠାରୁ ବହୁ ଅଧିକ ଭକ୍ତ ଥିଲେ। ସେ ଭାବୁଥିଲେ ଯେ, ଏତେ କମ୍ ସାମଗ୍ରୀରେ ସମସ୍ତଙ୍କ ପାଇଁ ଭୋଜନ କିପରି ହେବ। ପୂଜା ପୂର୍ବ ଦିନ ଏକଥା ଭାବି ଶ୍ରୀଧର ଟିକେ ବି ଶୋଇ ପାରିଲେ ନାହିଁ। ତଥାପି ମାତାଙ୍କ ଉପରେ ତାଙ୍କର ବିଶ୍ୱାସ ଥିଲା। ସେ ତାଙ୍କର ଝୁମ୍ପୁଡ଼ି ବାହାରେ ପୂଜାରେ ବସିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ ଅତିଥି ମାନେ ପହଂଚିଗଲେ। ଆଶ୍ଚର୍ଯ୍ୟର କଥା ଯେ ସେହି ଛୋଟିଆ ଝୁମ୍ପୁଡ଼ିରେ ଅତିଥି ମାନେ ସହଜରେ ବସି ପାରିଲେ। ଶ୍ରୀଧର ନିଜର ଆଖି ଖୋଲିଲେ ଓ ଭାବିଲେ, 'ଏ ସମସ୍ତଙ୍କୁ ସନ୍ତୁଷ୍ଟ କିପରି କରିବି!...'ଏତିକିବେଳେ ଗୋଟିଏ ଛୋଟ ଝିଅ ଝୁମ୍ପୁଡ଼ି ଭିତରୁ ବାହାରି ଆସିବା ଦେଖାଗଲା। ସେ ଭଗବାନଙ୍କ କୃପାରୁ ହିଁ ଆସିଥିଲା। ସେ ନିଜେ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ ପରସିଲା। ସବୁକିଛି ସୁରୁଖୁରୁରେ ସଂପନ୍ନ ହେଲା। ଏବେ ଶ୍ରୀଧର ସେହି ଛୋଟ ଝିଅଟି ସଂପର୍କରେ ଜାଣିବାକୁ ଚାହିଁଲେ ମଧ୍ୟ ସେ ଆଉ କେଉଁଠି ଦେଖାଗଲା ନାହିଁ। ଏହାର ଅନେକ ଦିନ ପରେ ସେହି ଛୋଟ ଝିଅ ସଂପର୍କରେ ଶ୍ରୀଧର ସ୍ୱପ୍ନରେ ଜାଣିଲେ ଯେ, ସେହି ଝିଅଟି ସ୍ୱଂୟ ବୈଷ୍ଣୋ ଦେବୀ ଥିଲେ। ମାତାଙ୍କ ରୂପରେ ଆସିଥିବା କନ୍ୟା ତାଙ୍କୁ ଗୁମ୍ଫା ସଂପର୍କରେ କହିଲେ ଓ ୪ ପୁତ୍ରଙ୍କ ବରଦାନ ସହିତ ଆଶୀର୍ବାଦ ଦେଲେ। ଶ୍ରୀଧର ପୁଣି ଥରେ ଖୁସି ହୋଇଗଲେ ଓ ଗୁମ୍ଫାର ଅନୁସନ୍ଧାନରେ ବାହାରି ପଡ଼ିଲେ। ଏହାର କିଛି ଦିନ ପରେ ତାଙ୍କୁ ସେହି ଗୁମ୍ଫା ମିଳିଗଲା। ସେବେ ଠାରୁ ସେଠାରେ ମାତାଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଯିବାରେ ଲାଗିଲେ।

**ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮**

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୧୦**

## ଏକ ଦୁଃଖଦ ମୁହୂର୍ତ୍ତରୁ...

# କିଶୋର, କିଶୋରୀଙ୍କ ସାମ୍ପ୍ରଦାୟିକ, ଦଳଗତ ବିଚାରଧାରାରେ ଭବିଷ୍ୟତ !!



ଶୈଶବର ଆନନ୍ଦମୟ ଅନୁଭୂତିଗୁଡ଼ିକୁ ବିଦାୟ ଦେଇ କିଶୋର ବୟସରେ ପଦାର୍ପଣ କରୁଥିବା ଶିକ୍ଷାର୍ଥୀଙ୍କ ଭବିଷ୍ୟ ଗଠନର ପ୍ରଥମ ସୋପାନ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇଥାଏ । ସେହି ସମୟରେ ମଣିଷ ମନରେ ଅଲୌକିକ ଭାବନା ତଥା ନୂତନ ଅନୁଭବ ଗୁଡ଼ିଏ ମନକୁ ଆସିଥାଏ ଯାହାର ଗତିବିଧି ଓ ସୀମା ଧାର୍ଯ୍ୟ କରିବା ଅସମ୍ଭବ ହୋଇପଡେ ସେମାନଙ୍କ ପାଖରେ । କିଶୋର ବୟସରେ ଅନେକ ଶିକ୍ଷାର୍ଥୀ କେତେକ ଅବାଟରେ ପରିଚାଳିତ ହୋଇ ପରବର୍ତ୍ତୀ ସମୟରେ ନିଜ ଜୀବନକୁ ଶୋକ ସନ୍ତାପିତ ଅବସ୍ଥାରେ ପରିଚାଳିତ କରୁଥିବା ବିଷୟ ବ୍ୟାଖ୍ୟା କରିବା ଆବଶ୍ୟକ ନାହିଁ, କାରଣ ତାହା ସମସ୍ତେ ଦେଖୁଛନ୍ତି, ଜାଣିଛନ୍ତି । ହେଲେ ସେମାନଙ୍କୁ ଉପଯୁକ୍ତ ରାସ୍ତା ଦେଖାଇବା ଏବଂ ସନ୍ତୁଳିତ, ସରସମୟ ଭବିଷ୍ୟତ ଗଠନ ଦିଗରେ ପ୍ରେରିତ କରାଇବା ଦାୟିତ୍ୱ କାହାର ? ନିଶ୍ଚିତ ଭାବେ ସେମାନଙ୍କ ପରିବାରବର୍ଗ ଏବଂ ଶିକ୍ଷକଙ୍କ ଭୂମିକା ଏଥିପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ହେଲେ ସେମାନେ କ'ଣ ନିଜ ନିଜ କାର୍ଯ୍ୟ ସଠିକ ଭାବେ କରୁଛନ୍ତି ? ନାଁ ! ଆଉ ସେଇଥିପାଇଁ ଆଜି କିଶୋର, କିଶୋରୀ ଅବାଟରେ ପଡି ଜୀବନସାରା ହନ୍ତସନ୍ତ ହେଉଥିବା ଲକ୍ଷ୍ୟ କଲେ ଜାଣିହେବ ।

ଘରେ ପରିବାର ବର୍ଗ ପିଲାଟିକୁ ବିଦ୍ୟାଳୟକୁ ଛାଡ଼ିଦେଇ ନିଜନିଜ କାର୍ଯ୍ୟରେ ବ୍ୟସ୍ତ । ବିଦ୍ୟାଳୟରେ ଶିକ୍ଷକ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କରିବା ଏବଂ ନିଜ ବୃତ୍ତିଗତ ଉତ୍ତରୋତ୍ତର ଉନ୍ନତି ବିଷୟରେ ଭାବୁ ଭାବୁ ସମୟ କ୍ଷୀଣ ! କେମିତି କୌଣସି ପ୍ରକାରେ କିଛି ପୋଥିଗତ ବିଦ୍ୟାକୁ ଗାଇଦେଲେ କର୍ତ୍ତବ୍ୟ ଶେଷ ! ହେଲେ ନୂତନଭାବେ ପ୍ରକୃତିକୁ ଦେଖୁଥିବା ଗଠନ କ୍ରମରେ ଥିବା ମସ୍ତିଷ୍କଟି ପଥ ଅନ୍ୱେଷଣରେ ନିମଗ୍ନ ଉପଯୁକ୍ତ ରାସ୍ତା ପାଇବ କେମିତି ? ! ଶିକ୍ଷା ବ୍ୟତୀତ ମନରେ ଉଠୁଥିବା ଆଶାତୀତ ପ୍ରଶ୍ନର ଉତ୍ତର ପାଇବ କେଉଁଠୁ ? ! ନିଜକୁ କେଉଁ ପଥର ପଥିକ କରି ଭବିଷ୍ୟତ ଉଜ୍ଜ୍ୱଳ କରିବ, ବୁଝିବ କେମିତି ? ! କିଶୋର, କିଶୋରୀଙ୍କ ମନର ଏହିସବୁ ଉଦ୍‌ବେଗଜନକ ବିଷୟ ବୁଝି ସେମାନଙ୍କ ଉପଯୁକ୍ତ ଭବିଷ୍ୟତ ଗଠନ ଦିଗରେ ପରିଚାଳିତ କରାଯିବା ଲକ୍ଷ୍ୟ ନାହିଁ କାହାର ! କି ସେମାନେ ନିଜେ ବୁଝିପାରି ନିଜକୁ ସୁଗଠିତ କରିବା ସୁଯୋଗ, ପ୍ରେରଣା ଶୂନ୍ୟ ଅମଣିଷ ସମାଜ ଯେ ଦେଶର ଭବିଷ୍ୟ ପିଢିଙ୍କୁ କେବଳ ଅଜ୍ଞାନ କରୁଛି ତା' ନୁହେଁ, ବରଂ ଏହି ଘଡ଼ିସନ୍ଧି ମୁହୂର୍ତ୍ତର ସୁଯୋଗ ନେଇ କେତେକ ଦଳୀୟ, ଗୋଷ୍ଠବଦ୍ଧ, ସାମ୍ପ୍ରଦାୟିକ ହେଉକି ଆତଙ୍କବାଦୀ ସଂଗଠନ, ସେମାନଙ୍କୁ ପଥଭ୍ରଷ୍ଟ କରି ନିଜ ସ୍ୱାର୍ଥରେ ବ୍ୟବହାରପୂର୍ବକ ସେମାନଙ୍କ ଜୀବନକୁ ଅମାନବୀୟତାରେ ଭରିଦେଇ ହନ୍ତସନ୍ତ କରିବା ସହିତ ରାଷ୍ଟ୍ରକୁ ନିମ୍ନଗାମୀ କରୁଥିବା ବୁଝିବା ସାମର୍ଥ୍ୟବିହୀନ ମଣିଷର ଗତି କେଉଁଆଡକୁ ବିଚାର କରିବା...

ଶରୀରରେ କେତେକ ହର୍ମୋନ୍‌ଗତ ପରିବର୍ତ୍ତନ ସାଙ୍ଗକୁ ମସ୍ତିଷ୍କରେ ଅଲୌକିକ ଭାବନା ସମୂହକୁ ନେଇ ଗଠନ କ୍ରମରେ ଥିବା ମଣିଷ ମସ୍ତିଷ୍କ ଯେ କେତେବେଳେ କେଉଁ ଦିଗଗାମୀ ହେବ ତାହାର ସଠିକ ଆକଳନ କରିବା ସହଜ ନୁହେଁ । କେତେକ କ୍ଷେତ୍ରରେ ତାହାର ଜିନ୍‌ଗତ, ଜନ୍ମଗତ ସ୍ୱଭାବ ମଣିଷକୁ ପ୍ରଭାବିତ କରୁଥିବା ବେଳେ ପରିବେଶ ଏବଂ ପାରିପାର୍ଶ୍ୱିକ ଅବସ୍ଥିତି, ପରିସ୍ଥିତି ମଧ୍ୟ କିଛି କମ୍ ପ୍ରଭାବ ପକାଇ ନ ଥାଏ ସେମାନଙ୍କ ଉପରେ । ତେଣୁ କେତେବେଳେ ପରିବେଶ, ପରିସ୍ଥିତିକୁ ନେଇ କିଏ କେଉଁ ବାଟରେ ପରିଚାଳିତ ହେବ ଧାର୍ଯ୍ୟ କରିବା ଅତ୍ୟନ୍ତ ଜଟିଳ । ଆଉ ଯାହାକୁ କୌଣସି ଲଗାମ୍ ନାହିଁ କି ନିୟନ୍ତ୍ରଣ, ସେମାନଙ୍କ ଗତିବିଧିର ସମୀକ୍ଷା କରିବା ଯଥେଷ୍ଟ କଷ୍ଟକର । ତେଣୁ ଏହି ମାନସିକ ଭାବଧାରା ନିୟନ୍ତ୍ରଣ ବହିର୍ଭୁତ କିଶୋର, କିଶୋରୀମାନେ କେତେବେଳେ କାହା ପ୍ରେମରେ ପଡି କେଉଁ ଦିଗଗାମୀ ହୋଇଥା'ନ୍ତି ତାହା ଆକଳନ କରିହେବ ନାହିଁ ।

ଅନେକ ସମୟରେ ଦେଖିବାକୁ ମିଳେ, କେତେକ କିଶୋର, କିଶୋରୀ ପ୍ରେମରେ ପଡି କେତେବେଳେ କିଏ ନିରୁତ୍ସାହିତ ହୋଇ ନିଜର ଜୀବନ ନଷ୍ଟ କରିଥା'ନ୍ତି ତ' ଆଉ କେତେଜଣ ପ୍ରେମରେ କୃତକାର୍ଯ୍ୟ ହୋଇ ନିଜର କ୍ଷମତା ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟ କରି ପାରିବାରିକ ମୋହରେ ବାନ୍ଧି ହୋଇଯା'ନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟ ଏକ ସଂଖ୍ୟା ଗରିଷ୍ଠ ଦେଖିବାକୁ ମିଳନ୍ତି, ଯେଉଁମାନେ କୌଣସି ଦଳୀୟ, ଗୋଷ୍ଠୀଗତ କିମ୍ବା ସାମ୍ପ୍ରଦାୟିକ ବିଚାରବଦ୍ଧତା ସହିତ ନିଜକୁ ସାମିଲ କରି ପରିଶେଷରେ ସେମାନଙ୍କ ପ୍ରେରଣାକୁହିଁ ସର୍ବେସର୍ବା ବୋଲି ମନେକରିଥା'ନ୍ତି । ଖୁବ୍ କମ୍ ସଂଖ୍ୟକ ମଣିଷ କିଶୋର ବୟସରେ ନିଜର ଉଦ୍‌ବେଗକୁ ସଂକୁଚିତ କରି ନିଜସ୍ୱ ବିଚାରବଦ୍ଧତା ମଧ୍ୟରେ ନିଜକୁ ବାନ୍ଧି ଏକ ନିରପେକ୍ଷ ଜୀବନ ପ୍ରସ୍ତୁତ କରିବାରେ ସକ୍ଷମ ହେଉଥିବା ଦେଖିବାକୁ ମିଳୁଛି ଆମ ସମାଜରେ ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିରପେକ୍ଷ ବିଚାର ରଖୁଥିବା କିଶୋର, କିଶୋରୀଙ୍କ ସଂଖ୍ୟା ଖୁବ୍ କମ୍ ଦେଖିବାକୁ ମିଳୁଥିବା ବେଳେ ପ୍ରେମରେ କୃତକାର୍ଯ୍ୟ ସରସମୟ ଜୀବନ ହାସଲ କରିପାରୁଥିବା ମଧ୍ୟ ଅନୁରୂପ ସଂଖ୍ୟକ ହୋଇଥାଏ । ବିଫଳ ପ୍ରେମିକଙ୍କ ଜୀବନର ଗତିବିଧି କାହାକୁ ଗୋଚର ନଥିବା ବେଳେ ଏହି ଗୋଷ୍ଠିଗତ ବିଚାରଧାରାରେ ନିମଜ୍ଜିତ ସଂଖ୍ୟା ଗରିଷ୍ଠ କିଶୋର, କିଶୋରୀ ନିଜ ଶିକ୍ଷାକ୍ଷେତ୍ରଠାରୁ ଦୂରେଇଯାଇ କେବଳ ସେହି ଗୋଷ୍ଠିଗତ ବିଚାରଧାରାରେ ଉଦ୍‌ବୁଦ୍ଧ ନିଜ ଜୀବନକୁ ସେହି ଦିଗଗାମୀ କରାଇଥା'ନ୍ତି ଯାହା ସମ୍ପୃକ୍ତ ଗୋଷ୍ଠୀର ଲକ୍ଷ୍ୟ ଥାଏ । ଏମାନଙ୍କ କ୍ରମବିକାଶମୁଖୀ ମସ୍ତିଷ୍କରେ ସେହି ଗୋଷ୍ଠିଗତ ବିଚାରଧାରା ଏମିତି ଉଲ୍ଲେଖିତ ହୋଇଥାଏ ଯେ ସାରାଜୀବନ ସେମାନେ ବାଛିନେଇଥିବା ସମ୍ପୃକ୍ତ ଗୋଷ୍ଠୀଠାରୁ ନିଜକୁ ଦୂରେଇ ନପାରି କେବଳ ସେମାନଙ୍କ ଗୁଣଗାନ କରିଥା'ନ୍ତି । ଭଲମନ୍ଦର କୌଣସି ବିଚାରବିହୀନ କିଶୋର ସମୟର ସେହି ସମ୍ମିଳନୀଜନିତ ଜୀବନ ଶେଷପର୍ଯ୍ୟନ୍ତ ସେହି ଗୋଷ୍ଠୀ ସହିତ ନିଜକୁ ଜଡିତ ରଖି ଜୀବନକୁ ନିଜ ହାତରେ ତଳିତଳାନ୍ତ କରି ନିଜକୁ ନିଜେ ପ୍ରତାରିତ କରୁଥିବା ବିଷୟ କେବେହେଲେ ମନକୁହିଁ ଆସିନଥାଏ ସେମାନଙ୍କର, କାରଣ ସେହି ଗୋଷ୍ଠିଗତ ପ୍ରେରଣାର ଷଡ଼ଯନ୍ତ୍ର ସେହିଭଳି ରହିଥାଏ ! ଗୋଷ୍ଠିଗତ ବିଚାରଧାରା ସମ୍ପୃକ୍ତ ଗୋଷ୍ଠୀର ମୁଖିଆଙ୍କ ବିଚାରଧାରା ଉପରେ ନିର୍ଭର କରିଥାଏ ଯାହା ତାଙ୍କୁ ଯଥେଷ୍ଟ ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ସହାୟକ ହେଉଥିବା ବେଳେ ଏହି ସଦସ୍ୟଙ୍କୁ ମଧ୍ୟ ସେହିମାନଙ୍କ ଦ୍ୱାରା ପ୍ରଦତ୍ତ ଅଂଶରୁ କିଂଚିତ ସ୍ୱାର୍ଥ ପ୍ରଦାନପୂର୍ବକ କିଛି ପ୍ରେରଣାଦାୟୀ ବକ୍ତବ୍ୟ ଦିଆଯାଇଥାଏ ଯେଉଁଥିରେ ଅନୁପ୍ରାଣିତ ଏହି ନିର୍ବୋଧ ସେମାନଙ୍କ ସହିତ ଜୀବନସାରା ବାନ୍ଧି ହୋଇ ନିଜ ଜୀବନକୁ ନଷ୍ଟ କରିଥା'ନ୍ତି । ତେଣୁ ଏହି କ୍ରମବିକାଶଶୀଳ ମସ୍ତିଷ୍କମାନଙ୍କୁ ନିଜସ୍ୱ ଭବିଷ୍ୟ ଗଠନ କରି ଜ୍ଞାନ ଆହରଣ କରିବାର କୌଣସି ପଥପ୍ରଦର୍ଶକ ପରିବେଶ ସୃଷ୍ଟି କରାନଯାଇ କେତେକ ଗୋଷ୍ଠୀଙ୍କ ଦ୍ୱାରା ପ୍ରତାରିତ କରି ରଖାଯାଉଥିବା ଅନୁଧ୍ୟାନ କଲେ ଜାଣିହେବ । ଏଥିରୁ ନିସ୍ତାର ନାହିଁ, ଯେପର୍ଯ୍ୟନ୍ତ ସାଧାରଣ ଲୋକେ ଏଗୁଡ଼ିକୁ ପ୍ରତିବାଦପୂର୍ବକ ନିଜ ସନ୍ତାନମାନଙ୍କୁ କୌଣସି ଦଳ, ଗୋଷ୍ଠୀ, ସଂଗଠନ କିମ୍ବା ସାମ୍ପ୍ରଦାୟିକ ମନୋଭାବ ତଥା ସଂଶ୍ଳିଷ୍ଟତାଠାରୁ ଦୂରେଇ ରଖିବା ପ୍ରୟାସ କରିଛନ୍ତି ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା...।

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ, ଦୂରଭାଷ.: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭୀମଭୋଇଙ୍କ ଭୁବନବିଖ୍ୟାତ ଭାବୋଚ୍ଛ୍ୱାସ

......ମାୟାଧର ନାୟକ......

*"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ; ଜଗତ ଉଦ୍ଧାର ହେଉ ।"*



ଏଇଭଳି ପଦେ କବିତା ପୃଥିବୀରେ ଆଉ କିଏ କେଉଁଠି ଲେଖିଛନ୍ତି ଏପର୍ଯ୍ୟନ୍ତ, ବିଶେଷକରି ମୋ ଦୃଷ୍ଟିକୁ ଆସିନାହିଁ । ଏଭଳି ସମ୍ବେଦନଶୀଳ ସ୍ରଷ୍ଟା ବିଶ୍ୱସାହିତ୍ୟ ଆକାଶରେ ଦେଖାଦେବା ସମ୍ଭବ ହୋଇଥିବା ଯୋଗୁ କେବଳ ଓଡିଶା ନୁହେଁ, ଆମେ ସାରା ବିଶ୍ୱର ଜନଗଣ ସେହି ଦୁଃସାହସିକ, ବିପ୍ଲବୀ, ସାଧକ, ପିତୃମାତୃହରା, ନିର୍ଯ୍ୟାତିତ, ମୂଲିଆ, ଗାଇଚରାଳି, ଅପାଠୁଆ, ମହାଜ୍ଞାନୀ, ଆଦିବାସୀଙ୍କ ମଉଡମଣି ଅନ୍ଧ, କନ୍ଧ ଓ ସନ୍ଥକବି ଦରଦୀ କବି, ସାଲିସ୍ ବିହୀନ କବି, ଗଣକବି ଭୀମଭୋଇଙ୍କ ମହାନୁଭବ ନିକଟରେ ଚିରଦିନ ଋଣୀ ରହିଥିବା ।

ଏଇ ଭୁବନବିଖ୍ୟାତ ଭାବୋଚ୍ଛ୍ୱାସମୟ ପଦାବଳୀ କଲିକତାର ଜାତୀୟ ପାଠାଗାର ସମ୍ମୁଖରେ ଯେଉଁଭଳି ଶୋଭାପାଉଛି, ଜାତିସଂଘରେ ମଧ୍ୟ ସେହିଭଳି ସ୍ୱତନ୍ତ୍ର ମର୍ଯ୍ୟାଦାର ସହ ସ୍ଥାନ ପାଇଛି । ଏହା କମ୍ ବଡ ଗର୍ବ ଓ ଗୌରବର କଥା ନୁହେଁ–ଏହାହିଁ ଆଧୁନିକ ।

ସନ୍ଥକବି ଭୀମଭୋଇ ୧୮୫୦ ମସିହାରେ ଜନ୍ମଗ୍ରହଣ କରି ୧୮୯୫ ମସିହାରେ ମାତ୍ର ୪୫ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି । ସ୍ତୁତିଚିନ୍ତାମଣି, ଶ୍ରୁତିନିଷେଧ ଗୀତା, ଆଦିଅନ୍ତ ଗୀତା, ବ୍ରହ୍ମନିରୂପଣ ଗୀତା, ନିର୍ବେଦସାଧକ, ପଦ୍ମକଳ୍ପ ଭଳି ଅନେକ କାବ୍ୟକବିତା ରଚନା କରିଯାଇଛନ୍ତି । ତାଙ୍କ ତୁଣ୍ଡରୁ ଯେଉଁ ଗଙ୍ଗାର ଧାରା ନିର୍ଗତ ହୋଇଛି, ତାହା କେବଳ ଭାରତରେ ପ୍ରବାହିତ ହୋଇନି, ସମଗ୍ର ବିଶ୍ୱକୁ ଶୀତଳ ଜଳରେ ସିଂଚନ କରିଦେଇଛି ।

ଓଡିଶାର ଅନ୍ୟତମ ବରପୁତ୍ର ଡକ୍ଟର ମାୟାଧର ମାନସିଂହ ଭୀମଭୋଇଙ୍କ ଶ୍ରେଷ୍ଠ ପଦାବଳୀକୁ ଇଂରାଜୀରେ ଅନୁବାଦ କରି ଆନ୍ତର୍ଜାତୀୟ ସ୍ତରରେ ଜାତିସଂଘରେ ଲିପିବଦ୍ଧ କରାଇଛନ୍ତି । ମର୍ମାନୁବାଦ "Who indeed can bear to see such misery among the world's creatures? Let me stay in hell for ever, if the world thereby be saved." କାର୍ଲ ମାର୍କ୍ସଙ୍କ ଚିନ୍ତାଧାରା ଭଳି ଭୀମଭୋଇ ମଧ୍ୟ ଶ୍ରେଣୀହୀନ ସମାଜବ୍ୟବସ୍ଥାର ପ୍ରବର୍ତ୍ତକ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଏବଂ ମାନବବାଦର ପ୍ରଚାରକ ଥିଲେ । ଜଣେ ନିରକ୍ଷର, ଅନ୍ଧ, କନ୍ଧ ଆଦିବାସୀ କବି ବିଶ୍ୱଚିନ୍ତାରେ ନିମଗ୍ନ ହେବା କ୍ୱଚିତ୍ ଦେଖାଯାଏ । ତାଙ୍କୁ ମଧ୍ୟ ସାଧାରଣ ମଣିଷର ସଭାକବି କହିଲେ ଅତ୍ୟୁକ୍ତି ହେବନାହିଁ ।

ଭୀମଭୋଇ ଗୋଟିଏ କଥା ପ୍ରମାଣ କରିଯାଇଛନ୍ତି–ଯେଉଁଠି ବିପର୍ଯ୍ୟୟ, ସେଇଠି ଜୟଜୟ । ସେ ଯେତେବେଳେ ନାରଦ ଭୂମିକାରେ ଅବତୀର୍ଣ୍ଣ ହୋଇ ସତ୍ୟକୁ ସତ୍ୟ ମିଥ୍ୟାକୁ ମିଥ୍ୟା କହିଚାଲୁଥିଲେ, ଗାଇଗାଇ କଣ୍ଠ ଫଟାଇ ଦେଉଥିଲେ, ସେତେବେଳେ ରାଜାରାଜୁଡା, ବ୍ରିଟିଶ୍ ଗୁପ୍ତଚରମାନଙ୍କ ଠାରୁ କମ୍ ଗାଳି ଖାଇନାହାଁନ୍ତି–ତାଙ୍କୁ ସମସ୍ତେ ବିଶେଷକରି ସାମନ୍ତବାଦୀ, ସାମ୍ରାଜ୍ୟବାଦୀମାନେ ନିର୍ଯାତନା ଦେଇ କୋଣଠେସା କରିଦେଇଛନ୍ତି, କିନ୍ତୁ ସେ ସାଧନାପଥରୁ କେବେ ବିରତ ହୋଇନାହାଁନ୍ତି ।

ଭୀମଭୋଇ ସାହିତ୍ୟରେ ବିଶ୍ୱଚେତନା ଭରପୁର । ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଯନ୍ତ୍ରଣାକୁ ଅନୁଭବ କରି ସେ ସହ୍ୟକରି ପାରିନାହାଁନ୍ତି । ସେ ସମସ୍ତଙ୍କ ଦୁଃଖମୋଚନ କରିବା ପାଇଁ ପ୍ରାଣର ପ୍ରାର୍ଥନା କରିଛନ୍ତି । ବିଶ୍ୱର ଦୁଃଖକୁ ସେ ଅନ୍ତରରେ ଅନୁଭବ କରି ତାଙ୍କ ପଦାବଳୀରେ ଶୁଣାଇଛନ୍ତି, ଆଜି ମଧ୍ୟ କୌଣସି ବିପ୍ଲବୀକବି ସେଭଳି ପଦାବଳୀ ରଚନା କରିପାରିନାହାଁନ୍ତି । ତେଣୁ ତାଙ୍କ ପଦ୍ୟ କାଳଜୟୀ । ଆଜିବି ସୂର୍ଯ୍ୟାଲୋକ ପରି ଜକ୍‌ଜକ୍ ହୋଇ ରହିଛି, ଏ ବିଶ୍ୱବ୍ରହ୍ମାଣ୍ଡ ଥିଲା ପର୍ଯ୍ୟନ୍ତ ରହିଥିବ ମଧ୍ୟ ।

ଭୀମଭୋଇ ଥିଲେ ଓଡିଆ ଆଧୁନିକ କବିତାର ଜନକ । କେବଳ ଓଡିଆ ସାହିତ୍ୟ ନୁହେଁ, ବିଶ୍ୱସାହିତ୍ୟରେ ତାଙ୍କର କେବଳ ପଦେ କବିତା "ପ୍ରାଣୀଙ୍କ ଆରତ... ଜଗତ ଉଦ୍ଧାର ହେଉ" ଆଜି ମଧ୍ୟ ବିଶ୍ୱର ଆଧୁନିକ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ରହିଛି । ଆଧୁନିକ କାବ୍ୟଜଗତର ମଉଡମଣି ଆଦିବାସୀ କବି ଭୀମଭୋଇଙ୍କର ଅନ୍ତଃଦୃଷ୍ଟି ଓ ବହିଃଦୃଷ୍ଟି ମଧ୍ୟରେ ତାରତମ୍ୟ ନାହିଁ । ଅନ୍ତର ଯେଭଳି ବାହାରକୁ ପ୍ରଭାବିତ କରୁଥାଏ, ବାହାର ସେଇଭଳି ଅନ୍ତରକୁ ଭେଦ କରିଯାଏ । ଭୀମଭୋଇଙ୍କ ଅନ୍ତର ବାହାର ଏକାକାର ହୋଇଯାଇଥିଲା । ଏହାହିଁ ତାଙ୍କର ବୈଶିଷ୍ଟ୍ୟ ।

ସଂକଟ, ସଂପତି, ଦାନବମାନବ, ଶତ୍ରୁ ମିତ୍ର, ସୁଖଦୁଃଖ, ହର୍ଷବିଷାଦ, ପାପପୁଣ୍ୟ, ସତ୍ୟମିଥ୍ୟା ସବୁ ଏକାକାର ହୋଇଯାଇଛି ଭୀମଭୋଇଙ୍କଠାରେ । ଶୀତକାକର, ଖରାବର୍ଷା, ପାଣିପବନ ତାଙ୍କୁ ବାଧୁ ନ ଥିଲା, କେବଳ ବାଧୁଥିଲା ପ୍ରାଣୀଙ୍କ କଷଣ । କେବଳ ସତ୍ୟପଥରେ ହିଁ ଜଗତର ମଙ୍ଗଳ ହେବ ବୋଲି ଦୃଢମନା ହୋଇ ସତ୍ୟର ଜୟଜୟକାର, ଜୀବନର ଜୟଗାନ କରି ଚାଲିଛନ୍ତି । ସେଦିନର ଜୟଗାନ ଆଜି କୋଟିକଣ୍ଠରେ ଗୁଞ୍ଜରଣ ସୃଷ୍ଟି କରିଛି ।

ଭୀମଭୋଇ ଅନ୍ଧ ଥିଲେ, କି କନ୍ଧ ଥିଲେ, ପାଠୁଆ ଥିଲେ କି ମୂର୍ଖ ଥିଲେ, ସଂସାର ଜଞ୍ଜାଳରେ ଜଡିତ ଥିଲେ କି ନାହିଁ, ଏ ସଂପର୍କରେ ବହୁ ଜ୍ଞାନୀପଣ୍ଡିତ ବ୍ୟକ୍ତି ବର୍ଣ୍ଣନା କରିଯାଇଛନ୍ତି । ଆମେ ଏଠାରେ ଏସବୁ ରହସ୍ୟକୁ ଉନ୍ମୋଚନ ନକରି କେବଳ ତାଙ୍କର ଚିନ୍ତା, ଚେତନାରେ ସାହିତ୍ୟ, ପୁରାଣ, ଲୋକସାହିତ୍ୟକୁ ଏକାକାର କରି ତାଙ୍କ ଅଜଣାରେ ସେ ଆଧୁନିକ ସାହିତ୍ୟର ଅଗ୍ରଦୂତ ହୋଇଛନ୍ତି, କେବଳ ବହୁ କାବ୍ୟକବିତା, ଜଣାଣ ଭଜନ, ମହିମା ଧର୍ମପ୍ରଚାରକୁ ଏଠାରେ ନ ବଖାଣି, ପଦେ କବିତା ଆଜି କୋଟି କଣ୍ଠରେ ବସା ବାନ୍ଧି ଦେଇଥିବାରୁ ସେ ମହାନ୍ ହୋଇଯାଇଛନ୍ତି ବୋଲି ଆମର ମନେହୁଏ । ଯଦିଓ ତାଙ୍କର ଜନ୍ମବୃତାନ୍ତ ରହସ୍ୟମୟ, ଜନ୍ମିତ ସ୍ଥାନ ନେଇ ବହୁ ବାଦବିବାଦ ଏବଂ ତାଙ୍କର ଜୀବନରେ ଅନେକ ଅଲୌକିକ ଘଟଣା ଘଟିଯାଇଛି, ଏସବୁ ଇତିହାସର ବିଷୟବସ୍ତୁ । କିନ୍ତୁ ଆମେ ସେଆଡକୁ ପଶି ମନ୍ଥନ କରିବା ଅପେକ୍ଷା ତାଙ୍କ ଜୀବନମନ୍ଥନରୁ ଯେଉଁ ଅମୃତବାଣୀ ପାଇଛେ, ସେହି ହିଁ ଆମର କାଳଜୟୀ ସଂପତି ଏବଂ ସେହି ହିଁ ଆମ ସମ୍ମୁଖରେ ମହାତ୍ମା ଭୀମ ଭୋଇ ।

ଆଜି ଓଡିଶାର ଜ୍ଞାନୀ, ଗୁଣୀ, ବିଜ୍ଞଜନମାନେ ଭୀମ ଭୋଇଙ୍କୁ ଯଥାର୍ଥ ସମ୍ମାନ ଦେଇପାରିନାହାନ୍ତି । ତାଙ୍କ ରଚନାର ସତ୍ୟାସତ୍ୟ ରହସ୍ୟ ମଧ୍ୟ ଏପର୍ଯ୍ୟନ୍ତ



ଗବେଷକମାନେ ଭେଦ କରିପାରିନାହାନ୍ତି ।

ଏପର୍ଯ୍ୟନ୍ତ ଆମେ ମହାତ୍ମା ଭୀମଭୋଇଙ୍କୁ ଠାବ କରିପାରିନାହାଁନ୍ତି । ଆମ ଓଡିଶାର ବହୁ ପ୍ରାଚୀନ, ଆଧୁନିକ କବି, ଲେଖକ, ବିଦେଶ ସାହିତ୍ୟକୁ ଅବଶ୍ୟ ଅନୁକରଣ କରିଛନ୍ତ; କିନ୍ତୁ ଏଇ ମାଟିର ଭୀମଭୋଇଙ୍କୁ ଚିହ୍ନିପାରିଲେ ନାହିଁ । ସେଇଥିପାଇଁ ଆଜି ଯେଉଁମାନେ ଆଧୁନିକ ସାହିତ୍ୟର ପ୍ରବକ୍ତା ବୋଲି ଡିଣ୍ଡିମ ପିଟୁଛନ୍ତି– ସେମାନଙ୍କ ପିତାମହ ଭୀମ ଭୋଇଙ୍କୁ ଭୁଲିଯାଉଛନ୍ତି ।

ପ୍ରାଣୀଙ୍କ ଆରତକୁ ଉଲ୍ଲେଖ କରିଥିବା ଭୀମ ଭୋଇଙ୍କର ପୃଥିବୀପ୍ରସିଦ୍ଧ ପଦାବଳୀ ବାହାରକୁ ସରଳ ମନେହେଉଥିଲେ ହେଁ ଏହାର ଭିତରଟା ଏକ ବ୍ୟଞ୍ଜନାତ୍ମକ ବ୍ୟାପ୍ତିକୁ ସୂଚାଇଦିଏ । ପ୍ରଥମ ପଦରେ ସୂଚିତ 'ପ୍ରାଣୀ' ହେଉଛି ସମୁଦାୟ ପ୍ରାଣଧାରୀ ସତ୍ତାର ପ୍ରତୀକ । ଅନ୍ନମୟ କୋଷରୁ ଉନ୍ନିତ ହୋଇ ପ୍ରାଣମୟ କୋଷରେ ଉପନୀତ ଏ ବିଶାଳ ଜୀବଜଗତ 'ଆରତ'ରେ ଅତିଷ୍ଠ-ଅର୍ଥାତ୍ ଜୀବନ ଓ ମୃତ୍ୟୁର ମଧ୍ୟବର୍ତ୍ତୀ ଇଲାକାରେ ଜୀବ ଭୟ, ଆତଙ୍କ ଓ ଆଶଂକାରେ ଅନବରତ ଉତ୍ପୀଡିତ । କବି ଭୀମ ଭୋଇ ଏହି ଭୟାର୍ତ୍ତ ଜୀବନର ଆତ୍ମିକ ଦୁଃସ୍ଥିତିକୁ ଅସହ୍ୟ ମଣିଛନ୍ତି । କ୍ଲେଶ, କଷ୍ଟ, କଷଣରେ କବଳିତ ପ୍ରାଣୀ । ମାତ୍ର 'ଆରତ' ଶବ୍ଦ ପରେ ଯେଉଁଠି ସେ 'ଦୁଃଖ' ଶବ୍ଦ ଉଚ୍ଚାରଣ କରିଛନ୍ତି ଏବଂ ଏହି 'ଦୁଃଖ'କୁ ଅପ୍ରମିତ ବୋଲି ତାତ୍ପର୍ଯ୍ୟଟିଏ ଦେଇଛନ୍ତି, ସେଠି ସରଳ ଶବ୍ଦଟିରେ ବ୍ରହ୍ମବ୍ୟଞ୍ଜନାଟିଏ ଛାଡିଯାଇଛନ୍ତି । କ'ଣ ସେ ବ୍ୟଞ୍ଜନା ? ସେ ବ୍ୟଞ୍ଜନା-ଦୁଃଖ କିଏ ଅନୁଭବ କରେ ? ଗଧ ? ଘୋଡା ? ହାତୀ ନା କୁମ୍ଭୀର ? ମାନବେତର ପ୍ରାଣୀ 'ଆରତ'ରେ ଆକ୍ରାନ୍ତ ହେଉଥିବା ବେଳେ ମଣିଷର ହିଁ ଥାଏ 'ଦୁଃଖ'ର ଅବବୋଧ । ବୁଦ୍ଧ ଏହି ଦୁଃଖକୁ କାମନାର କାରକ ରୂପେ କୀର୍ତିତ କରିଯାଇଛନ୍ତି । କାମନାର କ୍ରମବୃଦ୍ଧି ମଣିଷଜୀବନରେ ଆଣେ ଭ୍ରମବୃଦ୍ଧି- ଆଣେ ଦୁଃଖ । କବି ଭୀମ ଭୋଇ 'ଆରତ' ଶବ୍ଦରେ ପ୍ରାଣପୀଡାକୁ ସୂଚାଇଥିବାବେଳେ 'ଦୁଃଖ' ଶବ୍ଦଟିରେ ଆତ୍ମପୀଡାକୁ ଆଭାସିତ କରିଛନ୍ତି- ଯାହା ମଣିଷଜୀବନ ସହିତ ଏକାନ୍ତ ପ୍ରାଯୁଜ୍ୟ ରକ୍ଷାକରେ ।

ବୈଷ୍ଣବଧର୍ମର ବୈତାଳିକ ଚଣ୍ଡୀ ଦାସ 'ସବାର ଉପରେ ମାନୁଷ ସତ୍ୟ' ଉଦ୍‌ଘୋଷଣ କରି ମଣିଷକୁ ଜୀବନର ମୁଖ୍ୟକେନ୍ଦ୍ର ବୋଲି ବ୍ୟକ୍ତ କରିଥିବାବେଳେ ମହିମାଧର୍ମର ମହାତ୍ମା ଭୀମ ଭୋଇ ତାଙ୍କର ପୃଥିବୀପ୍ରସିଦ୍ଧ ପଦଟିରେ କେଉଁଠି ବି 'ମଣିଷ' ଶବ୍ଦ ଉଚ୍ଚାରଣ ନ କରି ସୁଦ୍ଧା 'ଦୁଃଖ ଅପ୍ରମିତ' ଉଲ୍ଲେଖ କରିବା ଦ୍ୱାରା ମାନବିକ ମର୍ମବେଦନାର ଅବବୋଧକୁ ହିଁ ବ୍ୟଞ୍ଜିତ କରିଯାଇଛନ୍ତି । ଇଏ କିଛି କମ୍ କଥା କି ? ଏଥିରେ ଉଲ୍ଲିଖିତ ହୋଇଛି ଊର୍ଦ୍ଧ୍ୱଚେତନାର ଅଭିବ୍ୟକ୍ତି । ପୁଣି 'ଅପ୍ରମିତ' ଶବ୍ଦଟି ଜନ୍ମଜନ୍ମାନ୍ତରର ଯାତନାକୁ ସୂଚାଉଛି । ଜନ୍ମପୁନର୍ଜନ୍ମର ବନ୍ଧନୀରେ ମଣିଷର ଆତ୍ମା ଘଟରୁ ଘଟାନ୍ତର ପରିଗ୍ରହ କରେ ଏବଂ ପ୍ରତ୍ୟେକ ଜୀବନକୁ ଜୀବନ୍ତ ମରଣ ତୁଲ୍ୟ ଅନୁଭବ କରିଥାଏ । ହିନ୍ଦୁତତ୍ତ୍ୱର ଏହି ଜନ୍ମଜନ୍ମାନ୍ତରର ଚକ୍ରବନ୍ଧନକୁ 'ଦୁଃଖ ଅପ୍ରମିତ' ଭଳି ଶବ୍ଦଯୁଗଳ ମାଧ୍ୟମରେ ବଡ ବ୍ୟଞ୍ଜନାତ୍ମକ ଭାବରେ କହିଛନ୍ତି ଭୀମ ଭୋଇ । 'ଅପ୍ରମିତ'–ଗଣି ହେଉନାହିଁ, କଳି ହେଉନାହିଁ–ଏ ଜନ୍ମର ଦୁଃଖ ନୁହେଁ ଖାଲି–ଏକ ପରେ ଏକ ଅନେକ ଅନେକ ଜନ୍ମର ଯାତନାରେ ଜର୍ଜରିତ ଏହି ଚିତ୍ରକଳ୍ପ–'ଅପ୍ରମିତ' !

ଦେହରେ ବଂଚୁଥିବା ସତା ହୁଏତ ସହିନେଇପାରେ ଏ ଜୀବନଯାତନା; ମାତ୍ର ଆତ୍ମାରେ ବିହରୁଥିବା ପୁରୁଷ କ'ଣ ସହିପାରିବ ଏ ଆରତ ? ଏ ଦୁଃଖ ଅପ୍ରମିତ ? ଭୀମ ଭୋଇ ମହିମାଧର୍ମର ମହାତ୍ମା–ସାଧାରଣ ପଦ୍ୟକାର କି କୋଷବଦ୍ଧ କବି ହୋଇଥିଲେ କ'ଣ ତାଙ୍କ ଲେଖନୀରୁ ଏପ୍ରକାର ଲୋତକବର୍ଷଣ ହୋଇପାରିଥା'ନ୍ତା ? ସେଥିପାଇଁ ସେ କହିଛନ୍ତି– 'ଦେଖୁଦେଖୁ କେ ବା ସହୁ ? ହେଲେ ଏ 'ଦେଖିବା' କ'ଣ ଖାଲି ଚାହିଁବା ନା ଅନାଇବା ? ଏ 'ଦେଖିବା' ହେଉଛି 'ଦ୍ରଷ୍ଟା'ର ଦୃଷ୍ଟାନ୍ତ-ବେଦରେ କବିକୁ କୁହାଯାଇଛି 'କ୍ରାନ୍ତଦର୍ଶୀ' । କବି ଏଠି ଦ୍ରଷ୍ଟା । ଭବିଷ୍ୟ-ଦୃଷ୍ଟିର ଭାବଉଚ୍ଛଳ ଦ୍ରଷ୍ଟା–ଭୀମ ଭୋଇ ଏହି ଭାବବାଦୀ ଭବିଷ୍ୟଦୃଷ୍ଟିର ଅବିସ୍ମରଣୀୟ କବିର୍ମନୀଷୀ ।

ଏହି ପୃଥିବୀପ୍ରଖ୍ୟାତ ପଦର ପରବର୍ତ୍ତୀ ପାଦରେ ଭୀମ ଭୋଇ ନିଗାଡି ଦେଇଛନ୍ତି ମହାମାନବିକ ମନ୍ତ୍ରଧ୍ୱନି– 'ମୋ ଜୀବନ ପଛେ ନର୍କେ ପଡିଥାଉ'... । ଏ ଜୀବନ ସହିତ ଅବବୋଧରେ ସଂପୂର୍ଣ୍ଣ ସାମିଲ୍ ହୋଇଯାଇ 'ମୋ ଜୀବନ' ଉଚ୍ଚାରଣ କଲେ ମହାତ୍ମା କବି । ଏଠି ବ୍ୟକ୍ତିପୁରୁଷ ବିବର୍ତ୍ତିତ ହୋଇ ପାଲଟିଛି ସମୂହସତାର ପ୍ରତିନିଧି । ଅହଂର ଅନ୍ତ ଘଟିଛି ଅଶ୍ରୁରେ । ଅନ୍ତରାତ୍ମାରୁ ଆସିଛି ଚୈତ୍ୟପୁରୁଷର ମର୍ମ-ମାଙ୍ଗଳିକ– 'ଜଗତ ଉଦ୍ଧାର ହେଉ'...

ଏହି ପଦରେ ବ୍ୟବହୃତ ୧୬ଟି ଯାକ ଶବ୍ଦ ମନ୍ତ୍ର ଶବ୍ଦ । ପ୍ରତ୍ୟେକ ଶବ୍ଦ ଏଠାରେ ସ୍ୱକୀୟ ବ୍ରହ୍ମର ଶରୀରାତ୍ମକ ପ୍ରକାଶ । ଏଠାରେ 'ନର୍କ' କହିଲେ ସମକାଳର ଅସାର ସଂସାର ଦ୍ୱାରା ଉପୁଜିଥିବା ମୋହ ଓ ମମତାହୀନତାର ମାନଚିତ୍ରଟାଏ । ଆମେ ଯଦି ପୃଥିବୀରେ ସ୍ୱର୍ଗ ସକାଶେ ସଂଗ୍ରାମ କରିବା, ଆମକୁ ତେବେ ମଇଦାନ କରିବାକୁ ପଡିବ ଏଠାକାର ନର୍କକୁ । ଏ 'ନର୍କ' ପୁରାଣର ପରିକଳ୍ପ ନୁହେଁ, ଛିନ୍ନଭିନ୍ନ ଜୀବନର ଚିତ୍ରକଳ୍ପ ।

ଭୀମ ଭୋଇଙ୍କୁ କୋଟି ଦଣ୍ଡବତ । ସେ ଚେତନାର ଚାରଣ । ଜୀବନର ଜାଗରଣ ଚାହିଁଛନ୍ତି ସେ, ଅଙ୍ଗୀକାର କରିଛନ୍ତି ଆତ୍ମୋତ୍ସର୍ଗକୁ । ଯିଏ ଯେତେବଡ କବି, ପଣ୍ଡିତ ବୋଲାଉଥାଉ, ବରଂ ଟନଟନ କାଗଜରେ ବହି ଛପାଇ ବାଂଟୁଥାଉ, କିନ୍ତୁ ଅନ୍ୟତମ ବିଶ୍ୱକବି ଭୀମ ଭୋଇଙ୍କ ପଦାବଳୀ... "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ"ର ମାର୍ମିକ ଅର୍ଥକୁ ହୃଦୟଙ୍ଗମ କରି ଜଗତ ଉଦ୍ଧାର ପାଇଁ କାବ୍ୟରେ କବିତାରେ ସତ୍ୟ ରଚିଗଲେ ତାହାହିଁ ହେବ ଭୀମ ଭୋଇଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

*–ଯାଜପୁର ରୋଡ, ଯାଜପୁର, ମୋ: ୯୮୬୧୦୩୪୧୬୩*

# ମାନସିକ ସୁସ୍ଥତା ଓ ସାମାଜିକ ସହାବସ୍ଥାନ

ଶରୀର ଓ ମନ ଉଭୟର ସୁସ୍ଥତାକୁ ସ୍ୱାସ୍ଥ୍ୟ କୁହାଯାଏ । କୁହାଯାଏ: ସୁସ୍ଥ ଶରୀରରେ ସୁସ୍ଥ ମନଟିଏ ବାସକରେ । ଅନ୍ୟପକ୍ଷରେ ମାନସିକ ସୁସ୍ଥତା ନଥିଲେ ଶରୀର ଠିକ୍ ରୁହେ ନାହିଁ । ଚିନ୍ତାଗ୍ରସ୍ତ ବା ଚାପଗ୍ରସ୍ତ ଅଥବା କୌଣସି କାରଣବଶତଃ ବିକାର ବା ବିକୃତଗ୍ରସ୍ତ ମାନସିକତା ହିଁ ମାନସିକ ଅସୁସ୍ଥତାର କାରଣ ଅଟେ । ଶାରୀରିକ ସୁସ୍ଥତା ଅପେକ୍ଷା ମାନସିକ ସୁସ୍ଥତାର ଗୁରୁତ୍ୱ ବେଶୀ । ମାନସିକ ସୁସ୍ଥତା ଥିଲେ ମନ ଭଲ ରହେ । ଏହା ସମସ୍ତ କାର୍ଯ୍ୟ କରିବାକୁ ସାମର୍ଥ୍ୟ ଯୋଗାଏ ଏବଂ ସବୁକିଛି ଭଲ ପାଇବାକୁ ଶିଖାଏ । ମେଣ୍ଟାଲ ସ୍ୱାସ୍ଥ୍ୟ ସଂପର୍କରେ ୟୁ.ଏସ୍.ସର୍ଜନ ଜେନେରାଲ କୁହନ୍ତି (୧୯୯୯)- "Mental health is the sucessful performance of metal funcation, resulting in productive activities, fulfiling ralationaships with other people, and providing the abitily to adopt to change and cope with adversit."



ଅନ୍ୟପକ୍ଷରେ ମାନସିକ ଅସୁସ୍ଥତା କହିଲେ ଏହା ମାନସିକ ସ୍ତରର ସବୁପ୍ରକାର ରୁଗ୍ଣର ବା ବିଶୃଙ୍ଖଳାକୁ ବୁଝାଏ । : "It collectively refers to all diagnosable mental disorders- health conditions characterized by alterations in thinking, mood or behaviour associated with distress or impaired functioning." ଏହି ସମସ୍ତ ରୋଗ, ମାନସିକ ଅସୁସ୍ଥତା ଏବଂ ଚିନ୍ତା ତଥା ଚାପର କାରଣ ହୋଇଥାଏ ।

୧. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(W.H.O) ଅନୁଯାୟୀ: "Mental health includes, 'subjective wellbeing, perceived self-efficasy, autonomy, competence,inter-generational dependance, and self-actualization of once intellectual and emotional potential, among others."

ମାନସିକ ଅସୁସ୍ଥତା ବ୍ୟକ୍ତିଟିଏ ନିଜକୁ ନାନା ପ୍ରକାର ମାନସିକ ଚାପ ବା ଉତ୍ତେଜନା, ନିଃସଙ୍ଗତା, ଅବସନ୍ନତା, ଉଦ୍‌ବେଗତା, ଚିନ୍ତିକିତା, ସଂପର୍କ ଓ ସମସ୍ୟା, ଆପଣା ଲୋକର ମୃତ୍ୟୁଜନିତ ବ୍ୟାକୁଳତା, ଆତ୍ମହତ୍ୟା ସଂପର୍କିତ ଚିନ୍ତା, ଦୁଃଖ ନିଶାସକ୍ତତା, ଏଡ୍‌ଏଚ୍‌ଡି, ମାନସିକ ଅବସ୍ଥାରେ ଅସ୍ଥିରତା ଏବଂ ଏମିତି ଯେତେ ତଥା ଯେତେ ଅକ୍ଷମତାର ଶିକାର ହୁଏ । ଏସବୁରୁ ମୁକ୍ତି ପାଇଁ ଚିକିତ୍ସକ (ଥେରାପିଷ୍ଟସ), ମାନସିକ ରୋଗ ବିଶେଷଜ୍ଞ (ସାଇକିଆ ଟ୍ରିଷ୍ଟସ୍), ମନସ୍ତତ୍ତ୍ୱବିତ୍ (ସାଇକୋ ଲୋଜିଷ୍ଟସ୍), ସାମାଜିକ କର୍ମୀ (ସୋସିଆଲ୍ ୱାର୍କର), ପେଶାଧାରୀ ସେବିକା । (ନର୍ସ ପ୍ରାକ୍ଟିସନ୍‌ର) ବା ଡାକ୍ତରମାନଙ୍କ ସହଯୋଗ ନିଆଯାଇପାରେ ଏବଂ ଥେରାପି, ପରାମର୍ଶ ବା ଔଷଧ ସେବନ ଦ୍ୱାରା ଆୟତ୍ତ ଅଣାଯାଇପାରେ ।

ଦେଖାଯାଇଛି ଯେ ମାନସିକ ଅସୁସ୍ଥତା ରୋଗୀଙ୍କ ସଂଖ୍ୟା ଏବେ କ୍ୟାନସର, ମଧୁମେହ ବା ହୃଦ୍‌ରୋଗଙ୍କ ସଂଖ୍ୟା ଅପେକ୍ଷା ଦିନକୁ ଦିନ ଢ଼େର ବଢ଼ିଚାଲିଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଏ ପ୍ରକାର ରୋଗୀଙ୍କ ସଂଖ୍ୟା ପ୍ରାୟ ୨୬ ଶତାଂଶ, ବିଶେଷକରି ୧୮ ଏବଂ ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ । ପାଖାପାଖି ୬ ଶତାଂଶ ବୟସ୍କ ଲୋକ ମଧ୍ୟ ଏହାଦ୍ୱାରା ଆକ୍ରମିତ ଅର୍ଥାତ୍ ପ୍ରତି ୧୭ ଜଣରେ ଜଣେ ମାନସିକ ବେମାରୀ ଥାଆନ୍ତି, ଏମାନଙ୍କ ମଧ୍ୟରୁ କ୍ୱଚିତ ଚିକିତ୍ସାର ସୁଯୋଗ ପାଇଥାନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନରୁ ଜଣାଯାଏ ଯେ ପାଖାପାଖି ବିଶ୍ୱ ଜନସଂଖ୍ୟାର ଅର୍ଦ୍ଧେକ ମାନସିକ ରୋଗାକ୍ରାନ୍ତ । ଏହାର ବହୁବିଧ କାରଣ ଅଛି । ତେବେ ଜଣେ ବ୍ୟକ୍ତି ନିଜସ୍ୱ କାରଣରୁ ଅଧିକାଂଶ ସମୟରେ ଏହାର ଶିକାର ହୋଇଥାଏ । ଏଠାରେ ସୂଚିତ କରାଯାଇପାରେ ଯେ ଜଣଙ୍କର ମାନସିକ ଅସୁସ୍ଥତା କେବଳ ତାହାକୁ ପ୍ରଭାବିତ କରିନଥାଏ । ତା' ସହିତ ତା' ପରିବାର, ବନ୍ଧୁ ଓ ପରିବେଶକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ତା ଛୁଆମାନେ ମଧ୍ୟ ପ୍ରଭାବିତ ହୁଅନ୍ତି ଅଥାତ୍ ସେ ନିଜେ ନିଜର ଦୁଃଖର କାରଣ ପରିବାରର, ସମାଜର ଏବଂ ସାମଗ୍ରିକ ଭାବେ ଏ ବିଶ୍ୱର ମଧ୍ୟ ଚିନ୍ତାର କାରଣ ଥାଏ ।

ମାନସିକ ରୋଗୀଟିର ପ୍ରଭାବ ଶିଶୁମାନଙ୍କ ଉପରେ ପଡ଼େ । ସାଧାରଣତଃ ଶିଶୁମାନଙ୍କ ମଧ୍ୟରେ ମାନସିକ ରୋଗୀ ପ୍ରାୟତଃ ନଥାନ୍ତି । ତେବେ ସିଜୋଫ୍ରେନିଆ ପରି କିଛି ମାନସିକ ରୋଗ ବଂଶଗତ ପ୍ରଭାବ ଥିବାରୁ ତାହା ସନ୍ତାନମାନଙ୍କଠାରେ ଦେଖାଯାଏ । ତେବେ ଗୋଟିଏ ଶିଶୁଠାରେ ମାନସିକ ଅସୁସ୍ଥତା ଦେଖାଗଲେ ଏଠାରେ ତା ପିତାମାତା ଓ ଆତ୍ମୀୟସ୍ୱଜନଙ୍କର ତା ପାଇଁ ସେମାନେ କଣ କରିବା ଉଚିତ୍ ବା ଅନୁଚିତ୍ ବିଚାରିବା କଥା । ଦେଖିବା କଥା ଯେ ସେ ଯେମିତି ଏକ ବଂଚିତ ଶିଶୁ ନହେଉ । ଅନେକ ସମୟରେ ପିତାମାତା ନିଜ ଶିଶୁର ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି । ଏଥିପାଇଁ ସେମାନଙ୍କର ଲାଳନପାଳନର ତରିକା ହିଁ ଦାୟୀ । ଯଦି କୌଣସି କାରଣରୁ ଶିଶୁଟି ତା ଶୈଶବରୁ ତା ପରିବାରରେ ନିଜକୁ ନିଃସଙ୍ଗତା ବା ନିରାପତ୍ତା ବା କୌଣସି ପ୍ରକାର ଅଭାବ ଅନୁଭବ କରେ ସେ ଏକ ମାନସିକ ଅସୁସ୍ଥତା ଦେଇ ନିଶ୍ଚୟ ଗତିକରେ । ସୁସ୍ଥ ମାନସିକତା ଅଭାବଗ୍ରସ୍ତ ବ୍ୟକ୍ତିଟି ସମାଜ ସହିତ ଖାପ ଖୁଆଇପାରେନା । ଏପରିସ୍ଥଳେ ଆମେ ତା' ସାହାଯ୍ୟରେ ଆସିବା ଉଚିତ୍ । କଥିତ ଅଛି : ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଟିଏ ସହ ବଂଚିବା ବଡ଼ କଷ୍ଟକର । ତେବେ ତା' ପାଖଲୋକମାନେ ଅନ୍ତତଃ ଏ ଜୀବନକୁ ଟିକେ ସହଜ କରାଇବା ଉଚିତ୍ : "Living with mental disorder is never easy, so it is always important to have people around him to make the days a little easier."



ମାନସିକ ସୁସ୍ଥତା ସହ ସୁସ୍ଥ ବିଶ୍ୱଟିଏର କଳ୍ପନା କରି ୧୯୯୨ ମସିହାଠାରୁ ପ୍ରତିବର୍ଷ ୧୦ ଅକ୍ଟୋବର ଦିନ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି । ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଗଠନ ସହାୟତାରେ ୧୯୯୨ରେ ୧୫୦ ରାଷ୍ଟ୍ରଙ୍କର ସର୍ବସମ୍ମତିକ୍ରମେ ବିଶ୍ୱରେ ମାନସିକ ସ୍ୱାସ୍ଥ୍ୟ ଉପରେ ଶିକ୍ଷା ସଚେତନତା ଉଦ୍ଦେଶ୍ୟରେ ଏ ଦିବସ ପାଳନର ଗୁରୁତ୍ୱ ନିଆଯାଇଛି । ବିଶ୍ୱାସ ପ୍ରତ୍ୟେକ ସଚେତନ ନାଗରିକ ଏହାର ତାତ୍ପର୍ଯ୍ୟ ଉପଲବ୍ଧି କରିବେ ଏବଂ ସେହି ଅନୁସାରେ ନିଜକୁ, ନିଜ ପରିବେଶ ଓ ପରିସ୍ଥିତିକୁ ନିୟନ୍ତ୍ରଣ କରିବେ । ସ୍ୱାସ୍ଥ୍ୟ ହିଁ ସଂପଦ ।

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**




# ଈଶ୍ୱର

ଖବରକାଗଜ, ଟେଲିଭିଜନ ସବୁଠି ହଇଚ଼ଇ । ପୁଅ ବାପାକୁ ତଣ୍ଟି ଚ଼ିପି ହତ୍ୟା କରିଛି ! ଛି, ଛି, କି କଳି କାଳ ହେଲା, ଶେଷରେ ପୁଅ ବାପାକୁ !! ଭଲ ହେଇଛି ମାଆ ନାହିଁ ଏସବୁ ଦୃଶ୍ୟ ଦେଖିବାକୁ । ବିଚ଼ାରୀ ମୋକ୍ଷ ପାଇଯାଇଛି ଏ ଅପମାନ ଦେଖିବା, ଭୋଗିବା ଆଗରୁ ! ସକାଳ ପହରୁ ଥାନା ବାବୁମାନେ ଯେତେ ମାଡ଼ ଗାଳି, ଲାତ ଗୋଇଠା ଦେଲେଣି ପଥର ବି ଚୂନା ହୋଇଯା'ନ୍ତା, ହେଲେ ଏ ପିତୃହନ୍ତା ପୁଅ ! କି ଉପାଦାନରେ ଗଢ଼ା କେଜାଣି, ଉଁ କି ଚୁଁ ବି ବାହାର କରୁନି ପାଟିରୁ । ଫାଶୀ ଯେମିତି ଗଳାର ହାର ଆଉ ମୃତ୍ୟୁଦଣ୍ଡ ତା' ପାଇଁ ପୁରସ୍କାର ! ହାରିଗଲେ ବଡ଼ବାବୁ । ଯାଉ ସେ କୋର୍ଟକୁ, ନିଜ କର୍ମର ଫଳ ସେଇଠି ସେ ପାଇବ ।

ଭରପୁର ବିଚ଼ାରାଳୟ, ନ୍ୟାୟାଧୀଶ, ଆଇନଜୀବୀ, ପୋଲିସ, ସାମ୍ବାଦିକ, ସାଧାରଣ ଜନତା, ସମସ୍ତଙ୍କ ମନରେ ଉଙ୍କିମାରୁଛି ପ୍ରଶ୍ନ ପରେ ପ୍ରଶ୍ନ !

କାହିଁକି ?

କି ଦଣ୍ଡ ପାଇବ ଏ ପିତୃଘ୍ନ ପୁତ୍ର ?

ମୃତ୍ୟୁଦଣ୍ଡ !! ତା' ବି କଣ ଯଥେଷ୍ଟ ହେବ ଏଭଳି ଘୃଣ୍ୟ ଅପରାଧ ପାଇଁ ? ତାକୁ ପିଲାଟିଦିନରୁ ଜାଣିଥିବା, ଦେଖିଥିବା, ଚ଼ିହ୍ନିଥିବା ବନ୍ଧୁ ଓ ଶୁଭାକାଂକ୍ଷୀ ମଧ୍ୟ ପହଂଚ଼ିଛନ୍ତି କୋର୍ଟ ରୁମରେ । ନିଜ ହାତରେ କୋଳେଇ କାଖେଇ ମଣିଷ କରିଥିବା କିଛି ବୟସ୍କଙ୍କ ଆଖିରେ ବିସ୍ମୟ । ଅତ୍ମୀୟସ୍ୱଜନଙ୍କ କରୁଣ ଚ଼ାହାଣୀ ଓଦା ଓଦା । ସେମାନେ ନା ଦଣ୍ଡ ଚ଼ାହୁଁଛନ୍ତି ନା ମୁକ୍ତି, ଖୋଜୁଛନ୍ତି କେବଳ କାରଣ !

ନିଜକୁ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରଖି ଆପାଦ ମସ୍ତକ ଦୁଃଖର ଚ଼ାଦରଟେ ଘୋଡେଇ ହୋଇ ଚୁପଚ଼ାପ ଗୋଟିଏ କୋଣରେ ଢାଳି ହୋଇ ବସିଛି ଅଠର କୋଡିଏ ବର୍ଷର ତନୁ ପାତେଳି ଝିଅଟିଏ । କେହି ତାର ପରିଚ଼ୟ ନପାଉ ସତତ ଚେଷ୍ଟିତ ସେ । ଭାଇକୁ ଶେଷ ଥର ପାଇଁ ଟିକେ ଦେଖିବାର ମୋହ ନେଇ ପଶି ଆସିଛି ଜନଗହଳି ଭିତରକୁ । ଏତେ ବର୍ଷ ଧରି ରାକ୍ଷୀ ବାନ୍ଧୁଥିବା ସେ ହାତରେ ଆଜି ହାତକଡି ! ବିଜୟ ତିଳକ ଭରିଦେଉଥିବା ସେ ମଥାରେ କଳଙ୍କର ଟୀକା, କୋରି ହୋଇଯାଉଛି ଦେହ ମନ । ତଥାପି ଦୁଃଖର ଉତ୍ତୁଙ୍ଗ ଲହଡି ମାନଙ୍କୁ ନିଜ ଭିତରେ ଗଭୀର କ୍ଷତି କରିବାକୁ ଛାଡିଦେଇ ନିଜେ ନିଜ ପାଇଁ ବରିନେଇଛି ନିଶବ୍ଦତା !

ସେ କେବଳ ଚ଼ାହିଁରହିଥାଏ କୁନି ଭାଇଟିର ସେ ପରିପକ୍ୱ ଆଖି ହଳକକୁ ।

ବାରମ୍ବାର ଜର୍ଜ ସାହେବ ପଚ଼ାରୁଥିଲେ କାହିଁକି ମାରିଲୁ ତୁ ନିଜ ବାପ କୁ ? ଯାହା ଔରସରୁ ତୁ ସଂସାର ଦେଖିଲୁ, ଜୀବନ ପାଇଲୁ, ସୁଖ ଭୋଗିଲୁ, ଯେ ତୋତେ ମଣିଷ କଲା, ତାକୁ ତୁ ନିଜ ହାତରେ ହତ୍ୟା କରିପାରିଲୁ କେମିତି ? ତୋ ହାତ ଥରିଲାନି, ତୋ ଆତ୍ମା କଣ ମରିଯାଇଛି ? ଜଡ, ମୂର୍ତ୍ତିଟିଏ ତ ନୋହୁଁ ତ ତୁ !!

ତଥାପି ଚୁପ ସେ । ମୃତ୍ୟୁଦଣ୍ଡ ପାଇଁ ବଜ୍ର ଶପଥ ନେଇସାରିଛି ଯେତେବେଳେ ଯେ କୌଣସି ଶବ୍ଦ ବୃଥା । ସରକାରୀ ଓକିଲଙ୍କ ବାରମ୍ବାର



ସୁଜାତା ମହାପାତ୍ର

ଜେରା, ପକ୍ଷ ଓକିଲଙ୍କ ଅସହାୟତା, ଉପସ୍ଥିତ ଜନଗହଳିର ଘୃଣାପୂର୍ଣ୍ଣ ମନ୍ତବ୍ୟ ସବୁ କିଛି ଶାଣିତ ଶର ଭଳି ଛିଟିକି ଆସୁଥାଏ ଚ଼ତୁର୍ଦ୍ଦିଗରୁ, ତଥାପି ଆରୋପୀ ଚୁପ । ଶେଷରେ ଜର୍ଜ ସାହେବ ଶୁଣାଇବାକୁ ଉଦ୍ୟତ ହେଲେ ସେହି ନିର୍ଦ୍ଧାରିତ ଦଣ୍ଡାଦେଶ ଯାହାର ପ୍ରତୀକ୍ଷା କରିଛନ୍ତି ଉପସ୍ଥିତ ସମସ୍ତେ ।

ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଉଲ୍ଲିଖିତ, 'ଶହେ ଦୋଷୀ ପଛେ ନିର୍ଦ୍ଦୋଷରେ ଖଲାସ ହୋଇଯାନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଷ ଶାସ୍ତି ନପାଉ', ତେଣୁ ଶେଷ ପ୍ରୟାସ ପାଇଁ ଆଦେଶ ଦେଲେ ଜଜ୍ ସାହେବ ।

ପକ୍ଷ ଓକିଲ ହତ୍ୟାକାରୀର ଭଉଣୀଟିକୁ ଡାକିଲେ କାଠଗଡା ଭିତରକୁ ସାକ୍ଷୀ ରୂପରେ । ହୁଏତ ସେ କହିପାରେ ଏ ହତ୍ୟାର କାରଣ !

ନାନୀକୁ ସାମ୍ନାରେ ଦେଖି ବିଚ଼ଳିତ ହତ୍ୟାକାରୀ, ହୁଏତ ସେ ଚ଼ାହେଁନାହିଁ ତାକୁ ସାମ୍ନା କରିବା ପାଇଁ । ତଥାପି ସାହସର ଶେଷ ସୀମା ଭିତରେ ନିଜକୁ ଆହୁରି ଦୃଢକଲା ଅପରାଧି । ଯଥାସମ୍ଭବ ଲୁଚ଼ାଇ ରଖିବାକୁ ଚେଷ୍ଟା କଲା ତା ଚେହେରା, ନିଷ୍ଠୁରତାର କର୍କଶ ଆବରଣ ମଧ୍ୟରେ ।

କାଠଗଡ଼ାରେ ଠିଆ ହୋଇଥିବା ନିରବ, ନିଶ୍ଚଳ ନାରୀ ମୂର୍ତ୍ତିଟି ପାଇଁ ଓକିଲଙ୍କ ପ୍ରଶ୍ନ: ତୁମେ ଏ ପିତୃହନ୍ତା ପିଶାଚ଼କୁ ଚ଼ିହ୍ନିଛ ? କି ସମ୍ପର୍କ ତୁମର ଅପରାଧି ସହ ??

କର୍ତ୍ତବ୍ୟର କୁଆରରେ ଭାଙ୍ଗିଗଲା ଧର୍ଯ୍ୟର ବନ୍ଧ । ଅସହାୟ ଲାଗୁଥିବା ନିଶବ୍ଦ ନାରୀ ମୂର୍ତ୍ତିଟି ଅସମ୍ଭବ ଚ଼ିତ୍କାର କରି ଥରି ଉଠିଲା । ରକ୍ତବର୍ଣ୍ଣ ବିଭୀଷିକା ମୟ ଚ଼ାହାଣୀରେ ନିରବିଗଲେ ସମସ୍ତ ଶବ୍ଦ ।

ଚୁପ କର ତୁମେ, ତୁମେ ସମସ୍ତେ ଚୁପ କର । ସେ ନରହନ୍ତା ନୁହେଁ ବରଂ ଜଣେ ରାକ୍ଷସକୁ ହତ୍ୟାକରିଥିବା ଈଶ୍ୱର । ଯେ ନାରୀକୁ ସମସ୍ତ ସମ୍ପର୍କରୁ ଉର୍ଦ୍ଧ୍ୱରେ, କେବଳ ରକ୍ତ ମାଂସର ଦେହ ଖଣ୍ଡେ ବୋଲି ଗ୍ରହଣ କରିନେଇଥିଲା, ସେ ହିଁ ପ୍ରକୃତ ନର ପିଶାଚ଼ । ଇଏ ତ ମୁକ୍ତି ଦେଇଛି ତାକୁ ତା' ଅଭିଶପ୍ତ କାମୁକ ଜୀବନରୁ । ଭାଇ ରୂପରେ ସେ ମୋ ପାଇଁ ସ୍ୱୟଂ ଈଶ୍ୱର । ପାରିବ ଯଦି ବଦଳାଇଦିଅ ତୁମ ଆଇନ,କାନୁନ । ଦଣ୍ଡ ନୁହେଁ ପୁରସ୍କାର ଦିଅ ତାକୁ । ପ୍ରତିଟି ଘରେ ଜନ୍ମ ନିଅନ୍ତୁ ଏଭଳି ଯୁଗଜନ୍ମା ଆଉ ବନ୍ଦ କରନ୍ତୁ ପ୍ରତିଟି ନରରାକ୍ଷସଙ୍କୁ ।

ଶିବାନୀ ଏଂକ୍ଲେଭ
ବମୀଖାଲ କେନାଲ ରୋଡ
ଭୁବନେଶ୍ୱର, ୭୫୧୦୧୦
ଫୋନ : ୯୪୩୭୩୬୦୯୬୪
ଗବସକ୍ଷ :
mitakiran@gmail.com

## ଅନ୍ତର୍‌ଦହନ

ସମୀର କୁମାର ଜେନା



ମିଛ ହସତଳେ ସତରେ କାନ୍ଦୁଛି
ଅଦୃଶ୍ୟ ପଣତେ ସେ ଲୁହ ପୋଛୁଛି
ଦେଖିକେ ପାରୁନି ଦେଖେଇ ପାରୁନି
ଆପଣା କାହାକୁ ଭାବି,
ନିଜ ମଣିଷଟା ଛଳନା କରିଲେ
ପ୍ରତାରିତ କରି ଲୁହେ ଭିଜେଇଲେ
କେମିତି କାହାକୁ ଲୁହ ଦେଖେଇବି
ବିଶ୍ୱାସକୁ ଅବା ନେବି ॥
ଦୁନିଆ ଦେଖୁଛି ଓଠତଳ ହସ
ବାହାରେ ଝଲସେ ମନତଳ ମିଛ
ସେ କାହୁଁ ବୁଝିବ ଛାତିତଳ ଦୁଃଖ
ହସତଳେ ଚ଼ାପିଅଛି,
ଛଳନା କରି ମୁଁ ନିଇତି ବଞ୍ଚୁଛି
ବଞ୍ଚିବା ଯନ୍ତ୍ରଣା ମରିବାଠୁ ବେଶି
କହି ପାରୁନାହିଁ ସହି ପାରୁନାହିଁ
ଯୋଉ କୀଟ ଦଂଶୁଅଛି ।
ଦୂନିଆ ଦେଖୁଛି ବାହାରଟା ମୋର
ହସ କେରିକେରି ଖୁସିର ସଂସାର
ସୁଖର ସୁମନେ ଭରା ସୁବାସିତ
ଈର୍ଷାବି କରୁଛି ମତେ,
ହେଲେ ମୁଁ ଜଳୁଛି ଯନ୍ତଣାରେ ନିତି
ଆପଣା ଲୁହକୁ ଲୁଚେଇ ପିଉଛି
ନୀରବେ ଦେଖୁଛି ଅଭିନୟ ଏଠି
କେତେବା ଜୀବନ୍ତ ସତେ ॥
ଦୁଃଖ କହିଦେଲେ ସୁଖକି ଆସିବ
ମନଟାତ ଟିକେ ହାଲୁକା ହୋଇବ
ହେଲେବା କହିବି କାହାକୁ ଏକଥା
ଆପଣାର ବୋଲି ଭାବି,
କହି ନପାରିଲେ ରହି ପାରିବିନି
ଅକୁହା ଦୂଃଖକୁ ବୋହି ପାରିବିନି
ଏଇ ମୋ ଦୂନିଆ ଏ'ମୋ ପରିଚ଼ୟ
କାହାକୁ ପରତେ ଯିବି ॥
ଆପଣା ମଣିଷ କୀଟଟିଏ ହେଲେ
କଅଁଳ ଫୁଲକୁ ନୀତି ଦଂଶୁଥିଲ
ବୁଝି ପାରୁଥିବ ଭାବି ପାରୁଥିବ
ଫୁଲଟିଏ ହୋଇ କେମିତି ମୁଁ ବଞ୍ଚୁଥିବି ?

ହଳଦିଆପଡା/ବିରିଡି
ଜଗତସିଂହପୁର

## ଦେବୀ ଓ ମୁଁ

କୃଷ୍ଣା ମିଶ୍ର



ଯାଇଥିଲି ମନ୍ଦିର,
ଦେବୀ ଦର୍ଶନକୁ....
ଅନ୍ତର ମୋ, ଭାବ ଛଳଛଳ ,
ଅବିରତ ଝର ଝର ନୟନ ଯୁଗଳ,
ଅଭିମାନେ ଭରା ମନ.....

ଭାବିଥିଲି ଭେଟିଦେବି,
ଜୀବନର ସୁଖ ଦୁଃଖ,
ଆଶା ଓ ନିରାଶା ର ସ୍ତୂପ,
ଅପମାନ, ଅବିଶ୍ୱାସ ର ବଉଦ....
କ୍ଷଣିକେ ମୋ ଦୃଷ୍ଟି ଲାଖିଗଲା,
ସେଇ ପ୍ରୀତି ଭରା ନୟନେ !
ମନେହେଲା,
ସେ ଯେ ମୋ ପରିଚ଼ିତ ଜନମେ
ଜନମେ !

ହଁ ! ଏ ତ ମୋ'ରି ନୟନ....
ଦର୍ପଣ ରେ ଝଲସେ ଯେ ନିତି....
ଦେଲି ମୁଁ ନିଜକୁ ବରଦାନ,
ନିଜେ ନିଜର ଶରଣେ !

ମୁଁ ଯେ, ମୋ ଶକ୍ତି,
ଦେବୀ, ଯୋଗମାୟା !
ଶ୍ରୀ ରାଧା ଚେତନା,
ମୋ ପ୍ରତୀକ୍ଷା ରେ ବିଜୟ,
ପ୍ରତୀକ୍ଷା ରେ ମୋ, କୃଷ୍ଣ, ଧନଞ୍ଜୟ !

ତେବେ କାହିଁକି ଏ ମେଘ,
ହତାସିଆ ମରମ ?
ବତାସିଆ ଉଦବେଳନ !!!
ସୁପ୍ତ ଚେତନା ର ନାରୀ,
ଜାଗ୍ରତରେ ମୁଁ ଦେବୀ....
ସ୍ନେହମୟୀ ଜଗଦ୍ଧାତ୍ରୀ,
ହଁ, ହଁ, ମୁଁ ଶକ୍ତି ସ୍ୱରୂପା ଦେବୀ ...

## ଇଚ୍ଛାମତୀ

ନିବେଦିତା ନନ୍ଦ



ଆଜି ହସର ହାଟ ମୋ
ଓଠରେ, ଆଖିରେ
ସାରା ଦେହରେ...
ସଂଚ଼ରି ଯାଆନ୍ତାନି ଏ ଖୁସି ଟିକକ
ମୋତେ ଘେରି ଥିବା ପୃଥିବୀ କୁ... !!
କେବେ ଏମିତି ହୁଅନ୍ତାନି...
ଧରା ଦିଅନ୍ତେ ମେଘ ମାନେ
ବର୍ଷି ଯାଆନ୍ତା ଇନ୍ଦ୍ରଧନୁ
ତୁଷାର ଚ଼ାଦର ଉପରେ
ଖେଳି ବୁଲନ୍ତେ ଟୋପି ଟୋପି
ରଙ୍ଗୀନ ବର୍ଷା ବୁନ୍ଦା
ପାଦ ଉଠେଇ ଦେଖିବା ବେଳକୁ
ଛାଇ ଯାଆନ୍ତା ମଖମଲି ପାଖୁଡାର
ଗାଲିଚ଼ା..
ମୁଁ ଆଉଟିକେ ସରାଗ ବୋଳନ୍ତି
ଶୃଙ୍ଗାର ରେ
ଆଉଟିକେ ପ୍ରେମ ମିଶାନ୍ତି
ସ୍ୱାଦରେ
ଆଉଟିକେ ଉଷ୍ମତା ଗୋଳାନ୍ତି
ସ୍ପନ୍ଦନ ରେ...
ଧିମେଇ ଯାଆନ୍ତା ଗାଧୁଆ ତୁଠରେ
ନଈ
ମହକି ଉଠନ୍ତା ହାତମୁଠା ରେ
ପବନ
ଅଟକି ଯାଆନ୍ତା ଦାଣ୍ଡଦୁଆରେ
ଫଗୁଣ
ମୁଁ ଆଉ ଟିକେ ରଙ୍ଗେଇ ନିଅନ୍ତି
ଓଠ
ଆଉଟିକେ ସଜେଇ ନିଅନ୍ତି
ଘର
ଆଉ ଟିକେ ଭିଜେଇପକାନ୍ତି
ଆଖି
ସାମିଲ କରି ଯାଆନ୍ତି
ସାରା ବଗିଚ଼ା
ପୁରା କୁଞ୍ଜ
ଗୋଟା ସୃଷ୍ଟି
ସବୁ ତାରାଙ୍କୁ ତୋଳି ଆଣି
ବିଛେଇ ଦିଅନ୍ତି ତୁମ ଆସିବା ପଥରେ
ମୁଁ ହିଁ ମୁଁ କେବଳ
ଶିହରୁ ଥାନ୍ତି ତୁମଭିତରେ
ଭଲ ପାଇବାର ଇଚ୍ଛାଟିଏ ହୋଇ ।

ବାସନ୍ତୀ କଲୋନୀ, ରାଉରକେଲା
ମୋ : ୮୨୪୯୪୪୨୫୭୩

## ଶରତ ସ୍ୱାଗତିକା

ସଂଜୀବ କୁମାର ଦାଶ



ସଜ ଶେଫାଳୀରେ ଭରା କୃତାର୍ଥ ଅଞ୍ଜଳି,
ଅକୁହା ସଂତୃପ୍ତି,
ମିଠା ମାତୃତ୍ୱ ଗୌରବ,
ଉଲ୍ଲସି ଉଠୁଛି ଧୀରେ ଶୀତଳା ନିର୍ମଳା,
ସ୍ନିଗଧ କାନ୍ତି ଅପରୂପା ଶରତ ସୁନ୍ଦରୀ ।
ସନ୍ଧ୍ୟା ନଇଁଛି ନଈରେ,
ତା' ତରଳଚ଼ପଳ ବୁକେ ରଚୁଛି ଚୁମ୍ବନ,
ମତୁଆଲା ଜହ୍ନ, ରୂପେଲି ଜୋଛନାର
ଚ଼ାନ୍ଦୁଆ ମେଲିଛି ।
ହସି ଲୋଟି ବିହ୍ୱଳିତା ଶୁଭ୍ର କାଶବନ,
ଶିହରଣେ ଚ଼ାମରୁଛି ଦିଗନ୍ତ ବିସ୍ତୃତ,
କାନ୍ତାରେ ବି ଆନମନା ସେ
ଗଙ୍ଗଶିଉଳି
ପ୍ରିୟ ପ୍ରିୟତମା ପ୍ରାଣେ ଆନନ୍ଦ କୁସୁମ ।
ଉପରେ ନିର୍ମେଘ ନଭ,
ପ୍ରଶାନ୍ତ ବିଶାଳ,
ବହଳସବୁଜ କ୍ଷେତେ ସୁନାର କିରଣ,
ପୂର୍ଣ୍ଣ ଯଉବନେ ଦୀପ୍ତ ପ୍ରଭାତୀ ଲାଳିମା,
ଆକାଶ ପୃଥିର ସତେ ମଧୁର ମିଳନ ।
ଆବାହନୀ ସୁରେଇଛି ଶୁଭ ଭରତିଆ,
ପାର୍ବଣରତୁ ଏ, ଭିଡ ଅପୂର୍ବ ସମ୍ଭାର,
ନିଶାର୍ଦ୍ଧେ ଘାରିଛି କା'ରେ ନିଶାଣର ନିଶା,
ଦେଉଳ ଦୁଆରେ ଫିଟେ
ଅମୃତ ଲଗନ ।

ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
ମୋ:୯୪୩୭୭୩୯୫୭୭

## ହୃଦୟ ତୁ ମୋର...

ସସ୍ମିତା ଚୌଧୁରୀ



ହୃଦୟ ତୁ ଏକରୋମାଞ୍ଚିତ ରକ୍ତଜବାର ରଙ୍ଗମଞ୍ଚ
ହାୟ ହୃଦୟ ତୁ ହାବୁକା ପାଣିର ହେନ୍ତାଳ
ବନ ଘଞ୍ଚ ।
ହାରି ଯାଇଥିବା ହୁତାଶନଟେ ମୁଁ ହୁସିଆର
ହୁସିଆର
ହସ ମହଙ୍ଗା ଏ ହସ୍ତିନାପୁରେ
ହର୍ମ୍ୟ ମୁଁ ହତାଶାର ।

ହୃଦୟ ତୁ ଏକ ହର୍ଷିତ ରତୁ,ସ୍ପର୍ଦ୍ଧିତ ମୁଁ ଅହଂକାର
ହତଚ଼କିତ ମୁଁ, ସ୍ଥିତପ୍ରଜ୍ଞ ତୁ ହିଂସା ଦ୍ୱେଷରୁ ଦୂର ।
ହସନ୍ତ ବସନ୍ତ ଅବା ସନ୍ତାପିତ ହେଉ ଚ଼ରାଚ଼ର ବିଶ୍ୱ,
ହାତ ପାଆନ୍ତିର ଅବସ୍ଥିତିରେ ତୁ ତଥାପି କାହିଁକି ନିଃସ୍ୱ ?

ହାଟ ବାହୁଡା ମୋ ହିସାବ ଖାତାର ପର୍ଯ୍ୟବେକ୍ଷକ ତୁ
ହଜାର ଆଘାତେ ଭାଙ୍ଗି ପିଇଛୁରେ ଆପେ ତୁ ଆପଣା ଲହୁ ।
ହିମ୍ମତ କାହିଁ ମୋ ହାର୍ଦ୍ଦୀ ହେବି ମୁଁ ନିଇତି ଆହବି ଯାଏ
ହେ ହୃଦୟ ! କହ ତୋ ବିନା ମୋ ଆଉ ହିତୈଷୀଟେ ଅଛି କିଏ ?

ହଲିଲା ପାଣିର ଗାରଟେ ମୁଁ ପରା ଭୋରର ହିମ ବିନ୍ଦୁ
ହୃତସର୍ବସ୍ୱ ସତ୍ତ୍ୱେ ତୁ ମୋର ରେ ! ହୂୟମାନ ସୁହୃଦ ।

ଭୁବନେଶ୍ୱର
ମୋ-୭୯୭୮୩୮୦୩୨୧

## ରାତି ଗଲେ ନିଦେ ଶୋଇ

ଲୋପାମୁଦ୍ରା ଜେନା



ସପନ ମୋହର ଆଖିରେ ଆଖିଏ ,
ସତେ କୁଆରିଆ ନଈ ,
ହାତଠାରି ମତେ ଡାକେ କିଏ ସତେ,
ପାରୁନି ମୁଁ ଜମା ଶୋଇ ॥
ସେ ନୀଳ ସରସୀ ଡାକେ ଅବା ହସି,
ଫୁଟିଛି ତହିଁରେ କଇଁ,
କଇଁ ପାଖୁଡାରେ ନିରେଖି ଦେଖିଲି, ପ୍ରତୀକ୍ଷାଟେ ଜହ୍ନ ପାଇଁ ॥

କାହିଁକିରେ ଜହ୍ନ ଅୟୁତ ଯୋଜନ, ଦୂରତାରେ ମନ ଯାଚୁ ,
ପାରିବୁନି ଛୁଇଁ କେବେ ନୀଳକଇଁ, ତଥାପି ତୁ ନିରେଖୁଚୁ ॥
କାହିଁକିଲୋ କଇଁ ହେଉଛୁ ତୁ ବାଇ, ଏ କି ଆନମନା ଭାବ ,
ନିତି ସରସୀରେ ପ୍ରତୀକ୍ଷା ଜୁଇରେ, ଜାଳୁଥାଉ ତୋର ଭାବ ॥

କିଏ ଡାକେ ସତେ ରହି ରହି ମତେ, ମଧୁର ବଇଁଶୀ ସୁରେ ,
ହୃଦୟହୀନ ଏ କଂକ୍ରିଟ୍ ଜଙ୍ଗଲେ, ଯାହାକୁ ଏ ମନ ଝୁରେ ॥
ଆକାଶର ତାରା ତୋଳିଆଣି ଯିଏ, ମୋ ଗଭାରେ ଖୋସୁଥିଲା,
ଆଜି ତା' ଭାବଟା ମୋ ଆଖିରେ ଆସି, ଶ୍ରାବଣକୁ ସ୍ୱାଗତିଲା ॥

ଆଜି ଅଛି ଜହ୍ନ ଆଜି ଅଛି ତାରା, ଆଜି ଅଛି ନୀଳକଇଁ ,
ଆଜି ବି ଏ ମନ ଉହଳ ବିକଳ, ରାତି ଗଲେ ନିଦେ ଶୋଇ ॥

# ଫନି




ସାରା ରାଜ୍ୟରେ ହାଇ ଆଲର୍ଟ । ତିନିଟି ଜିଲ୍ଲାରେ ବିପଦ ସଂକେତ ଟପିଗଲାଣି । ସମୁଦ୍ରକୂଳିଆ ଲୋକମାନଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଛି ।ଦୋକାନଗୁଡିକରେ ନାହିଁ ନ ଥିବା ଭିଡ । ପ୍ରାୟ ସବୁ ଜିନିଷ ସରିବାକୁ ବସିଲାଣି ।ସରକାର ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି ।

ଫନି ଲ୍ୟାଣ୍ଡଫଲ୍ କରିବାର ଦୁଇଦିନ ହୋଇଗଲା ।

ଫନି ଆମର ସବୁ ନେଇଗଲା ,ଗୋବର୍ଦ୍ଧନ କୋହ ସମ୍ଭାଳି ପାରିଲାନି ଦୁଇଦିନ ହେବ ସେ ଘରୁ ବାହାରି ପାରି ନାହିଁ ।ଆଜି ବାଡିପଟ କବାଟ ଖୋଲୁ ଖୋଲୁ ଆଖିରେ ଲୁହ ଆସିଗଲା । ନଡିଆଗଛଗୁଡିକ ସବୁ ଭାଙ୍ଗିଯାଇଛି । ଫୁଲଗଛ ଗୋଟିଏ ବି ନାହିଁ ।

ଫନିର ଭୀଷଣ ତାଣ୍ଡବଲୀଳା ବଡଶଙ୍ଖ ଗାଁଟିକୁ ଛାରଖାର୍ କରିଦେଇଛି । ସବୁ ଶ୍ରୀହୀନ .............

ଗଡିଆର ପଙ୍କପାଣିରରେ ଶୌଚ଼ାଦି କର୍ମ କରି ସେ ବାହାରି ପଡେ ଖଣ୍ଡେଦୂରରେ ଥିବା ଟିଓ୍ୱେଲରୁ ପାଣି ଆଣି ଯାହା ତାହାକି ଗଣ୍ଡାଏ ଫୁଟାଇ ଦିଅନ୍ତି ।ସୁମି ଓ ଗୋବର୍ଦ୍ଧନ ଘରେ କେବଳ ତା ସ୍ତ୍ରୀ ସୁମି ଓ ଗୋବର୍ଦ୍ଧନ, ସମ୍ପତ୍ତି କହିଲେ...ଦଶଟା ନଡ଼ିଆ ଗଛ ଘର ଦୁଇବଖରା,ଗୋଟିଏ ଫୁଲ ବଗିଚ଼ା । ଏହି ଫୁଲ ବଗିଚ଼ା ତାକୁ ଦାନାପାଣି ଯୋଗାଇଥାଏ । ନାନାଜାତିର ଫୁଲ ବଗିଚ଼ାରେ ଶୋଭାପାଇଥାଏ । ମନ୍ଦାର, ମଲ୍ଲୀ, ଜୁଇ, ମାଳତୀ, ଟଗର,ଓ ରଜନୀଗନ୍ଧା ଭେଳି ଭେଳିକି ଫୁଲ ।

ଗୋବର୍ଦ୍ଧନ ଥିଲା ଜାତିରେ ମାଳି । ବଂଶ ପରମ୍ପରା ଅନୁଯାୟୀ ଏହି କୌଳିକ ବୃତ୍ତିକୁ ଆପଣେଇ ନେଇଛି ସେ । ସକାଳୁ ଫୁଲ ସବୁ ତୋଳି ମାଳାଗୁନ୍ଥି ଉଭୟ ବାହାରି ପଡନ୍ତି ବଡ଼ଦାଣ୍ଡରେ ମାଳା ବିକି ବେଶ୍ ଦୁଇପଇସା ରୋଜଗାର କରିଥାନ୍ତି । ସେଇଥିରେ ତାର ସୁଖ ଦୁଃଖର ସଂସାର ଚ଼ଳିଯାଏ । ସେଇ ଅଭାବୀ ସଂସାର ଭିତରେ ବି ସେ କେବେ ବି ପୁଅର ପାଠପଢାରେ ଅବହେଳା କରିନାହିଁ । ଜଗନ୍ନାଥଙ୍କ ପାଖରେ ମାନସିକ କରି ବିବାହର ପାଞ୍ଚବର୍ଷ ପରେ କୋଳରେ ପୁଅଟିଏ ପାଇଥିଲେ । ସତ୍ୟନାରାୟଣ ପୂଜାରେ ପୁଅର ନାଁ ସତ୍ୟ ସନାତନ ରଖିଥିଲା । ଭଲ ସଂସ୍କାର ଦେଇ ପୁଅଟିକୁ ଇଞ୍ଜିନିୟର କଲେ ।ସୁବିଧା ଦେଖି ପୁଅର ହାତକୁ ଦିହାତ କଲେ



ଶର୍ମିଷ୍ଠା ମହାନ୍ତି

। ବୋହୂର ନାଁ ଲକ୍ଷ୍ମୀ ସତରେ ବି ଲକ୍ଷ୍ମୀପ୍ରତିମା ଭଳି ବୋହୂଟିଏ ତାକୁ ମିଳିଗଲା ।ଉଚ୍ଚ ଶିକ୍ଷିତା ବୋହୂ ହେଲେ ବି ଶାଶୁଶଶୁରଙ୍କ ଖୁବ୍ ଜତ୍ନ ନେଇଥାନ୍ତି ଲକ୍ଷ୍ମୀ । କିଛିଦିନପରେ ପୁଅର ଖାଇବାପିଇବା ଅସୁବିଧା ନେଇ ପୁଅ ସହିତ ବୋହୂକୁ ଦିଲ୍ଲୀ ପଠାଇଦେଲେ ଗୋବର୍ଦ୍ଧନ । ପୁଅ ବୋହୂଙ୍କର ଏକା ଜିଦ୍ ବାପା ବୋଉ ଆମ ସାଙ୍ଗରେ ଯିବେ ।ହେଲେ ଗୋବର୍ଦ୍ଧନ ମନାକଲା ଏବେ ତ ଆମ ହାତଗୋଡ ଚ଼ାଲୁଛି, ନିହାତି ଅସୁବିଧା ହେଲେ ଯିବୁ ।

ମଝିରେ ମଝିରେ ସୁମି ଓ ଗୋବର୍ଦ୍ଧନ ପୁଅବୋହୂଙ୍କ ପାଖରେ ବୁଲିଆସନ୍ତି । ଯା ଭିତରେ ତାର ପାଞ୍ଚ ବର୍ଷର ନାତି ସ୍କୁଲ ଗଲାଣି । ବୋହୂ ଏକ ଇଙ୍ଗଲିସ୍ ମିଡିୟମ୍ ସ୍କୁଲରେ ଶିକ୍ଷକତା କଲେଣି । ପର୍ବପର୍ବାଣିରେ ସମସ୍ତେ ଆସି ଗାଁରେ ବୁଲିଯାଆନ୍ତି ।ଆଜି କିନ୍ତୁ ପୁଅ କଥା ଗୋବର୍ଦ୍ଧନର ବହୁତ ମନେପଡୁଛି,.....

ବାରମ୍ବାର ସେ ରାସ୍ତାକୁ ଚ଼ାହୁଁଛି କାହାର ପାଦ ଶବ୍ଦରେ ଗୋବର୍ଦ୍ଧନ ଉଠିବସିଲା । ବାହାରକୁ ଚ଼ାହିଁ ଦେଖେ ତ ପୁଅ ସତ୍ୟ ଆସୁଛି ଅତି ଖୁସିରେ ସୁମିକୁ ଡାକିଲା ସୁମି ସୁମି କିଏ ଆସିଲାଣି ଦେଖ ।!!

ଫନିର ଚ଼ାରିଦିନ ପରେ ପୁଅକୁ ପାଖରେ ଦେଖି ଉଭୟଙ୍କର ଖୁସିର ସୀମା ରହିଲାନାହିଁ ।ସମସ୍ତଙ୍କ ଆଖିରୁ ଆନନ୍ଦାଶ୍ରୁ ଗଡିବାକୁ ଲାଗିଲା ।

ସତ୍ୟ କହିଲା ନା ବାପା ଆଉ ଯମା ନୁହେଁ ତୁମ ଦୁଇଜଣଙ୍କୁ ମୋ ସାଙ୍ଗରେ ଯିବାକୁ ହେବ ମୁଁ ଟିକେଟ କାଟିଦେଇଛି କାଲି ବାହାରିଯିବା ।

ତାପରଦିନ ସକାଳୁ ସମସ୍ତେ ବାହାରି ପଡିଲେ ଦିଲ୍ଲୀ ଅଭିମୁଖେ । ନାତି ବୋହୂ ଖୁବ୍ ଆତୁର ହୋଇ ସେମାନଙ୍କ ବାଟକୁ ଚ଼ାହିଁ ରହିଥାନ୍ତି । ଜେଜେ, ମାଙ୍କୁ ଦେଖି ବୋହୂ ଓ ନାତିର ଖୁସିର ସୀମା ରହିଲାନାହି ।

ହସ ଖୁସିରେ ଘରଟି ଉଛୁଳି ପଡିଲା ।ଶାଶୁ ବୋହୂ ଦୁଇ ସାଙ୍ଗ ପରି ଚ଼ଳିବାକୁ ଲାଗିଲେ ।ସୁମି କହିଲା ସିଏ ମୋର ବୋହୂ ନୁହେଁ ଝିଅ । ସଞ୍ଜ ହେଲେ ଜେଜେ ନାତି ଲନ୍ ରେ ବୁଲିବାକୁ ବାହାରିପଡନ୍ତି ।ଘରର ମହଲ ଯେପରି ସ୍ୱର୍ଗମୟ ହୋଇଯାଇଛି ।ସକାଳ ଚ଼ାହାପିଆ ଆସରରେ ବାପା ଗୋବର୍ଦ୍ଧନ ଓ ପୁଅ ସତ୍ୟ ଖୁବ୍ ମନଖୋଲି ଗପସପ କରନ୍ତି । ସକାଳୁ ସକାଳୁ ନାତି ଟୋକା ଜେଜେମାକୁ କୁଣ୍ଢାଇ ଧରି କହିଲା ଜେଜେମା ହାପି ହଗ୍ ଡେ..... ଜେଜେମା କହିଲା ...ଛି.ଛି.....ସକାଳୁ ସକାଳୁ...

ଜେଜେମା କହିଲା ସକାଳୁ ଉଠି ଜଗନ୍ନାଥଙ୍କୁ ପ୍ରଣାମ କରି ଜୟ ଜଗନ୍ନାଥ କହିବୁ ,ନାତିଟି ଜେଜେମା କଥା ମାନି ସକାଳୁ ଉଠି ଜଗନ୍ନାଥଙ୍କୁ ପ୍ରଣାମ କରି ସବୁଦିନେ ଜୟ ଜଗନ୍ନାଥ କହିଥାଏ ,ଜେଜେମା ବହୁତ ଖୁସିହୋଇ ନାତିକୁ ଖୁବ୍ ଆଶିର୍ବାଦ ଢାଳି ଦେଇଥିଲେ । ଯେପରି ପରିବାରଟିରେ ସବୁସୁଖ ଭରିଯାଇଛି ଆଉ ବା କ'ଣ ମଣିଷ ପାଇଁ ଦରକାର...ଏଇତ ଟିକେ ମନର ଶାନ୍ତି ।

ଦୁଇ ମାସ ପରେ କୋଳାହଳମୟ ସଂସାର ଧିରେ ଧିରେ ନିରବତା ଛାଇଗଲା । ଗୋବର୍ଦ୍ଧନ ଓ ସୁମିକୁ ତାଙ୍କ ଗାଁ ଘର କଥା ବହୁତ ମନେ ପଡୁଥାଏ । ତାଙ୍କର ସୁନ୍ଦର ଫୁଲ ବଗିଚ଼ା ମନରେ ନାଚ଼ିଯାଉଥାଏ ।ଯେଉଁଠି ସେ ମୁକ୍ତ ବିହଙ୍ଗ ପରି ନିଜକୁ ଅନୁଭବ କରୁଥିଲେ ।ଏଠି ତାଙ୍କୁ ବନ୍ଦୀ ଭଳି ଲାଗିଲାଣି ।

ନାତିର ପରୀକ୍ଷା ଥିବାରୁ ଘରେ ଟିଭି ମଧ୍ୟ ଖୋଲାଯାଏନି,ଗୋବର୍ଦ୍ଧନ ଏକା ଏକା ଯାଇ ଲନ୍ ରେ ବସିରହନ୍ତି । ଲନ୍ ରେ କୌଣସି ଗଛ ସାଇଜ୍ ନ ଥିଲେ ହାତରେ ଛିଡାଇ ସାଇଜ୍ କରନ୍ତି , ଏହା ଲକ୍ଷ୍ମୀକୁ ଯମା ଭଲଲାଗେନି । ଲକ୍ଷ୍ମୀ କହିପକାନ୍ତି ବାପା ଏ କଣ କରୁଛନ୍ତି, ଲୋକ ଦେଖିଲେ କ'ଣ ଭାବିବେ । ପୁଅ ମଧ୍ୟ ଆଜିକାଲି ବହୁତ ବ୍ୟସ୍ତ,ଆଗଭଳି ଗପସପ ନାହିଁ । ଗୋବର୍ଦ୍ଧନ ଓ ସୁମି ମନ ମାରି ଚୁପଚ଼ାପ ବସୁଥାନ୍ତି ।

ଦିନେ ଗୋବର୍ଦ୍ଧନ ପୁଅକୁ ମନର କଥା ଖୋଲି କହିଲେ

ପୁଅରେ ଗାଁ ଆଡେ ଟିକେ ବୁଲି ଆସିବାକୁ ଇଚ୍ଛା ହେଉଛି, ପୁଅ ସତ୍ୟ ମଧ୍ୟ ରାଜି ହୋଇଗଲେ ଓ ଆର ସପ୍ତାହରେ ଛୁଟି ମିଳିଲେ ଛାଡିଦେଇ ଆସିବି ।

ଆଜି ଗୋବର୍ଦ୍ଧନ ଓ ସୁମି ଫେରିଯାଉଛନ୍ତି ତାଙ୍କ ପ୍ରିୟ ଭିଟାମାଟିକୁ, ଅଦ୍ଭୁତ ସେ ଭିଟାମାଟିର ଆକର୍ଷଣ....

କିଛି ସମୟର ପ୍ରତିକ୍ଷା ପରେ ପହଞ୍ଚି ଯାଇଛନ୍ତି ବଡଶଙ୍ଖ ଗାଁ ରାସ୍ତାରେ । କେତେବେଳେ ସେ ଘର ଫାଟକ ପାଖରେ ପହଞ୍ଚିଯାଇଛନ୍ତି ତାଙ୍କୁ ଜଣାପଡିନି ।ଫାଟକ ଖୋଲୁ ଖୋଲୁ ଦଲକାଏ ବାସ୍ନାପବନ ତାଙ୍କୁ ଛୁଇଁଗଲା ଉଭୟ ବାଡି ଆଡକୁ ଧାଁଇଲେ ଏ କଣ ଜାତି ଜାତି ଫୁଲ ଖୁସିରେ ନାଚୁଛନ୍ତି ଯେପରି ଦୁହିଁଙ୍କୁ ସ୍ୱାଗତ କରିବାକୁ ଚ଼ାହିଁ ବସିଥିଲେ । ଗୋବର୍ଦ୍ଧନ ଓ ସୁମି ଆଖି ବନ୍ଦ କରି ଫୁଲମାନଙ୍କ ଦେହରେ ହାତ ଆଉଁସି ଆଣିଲେ, ପରମ ତୃପ୍ତିରେ ଏକ ସ୍ୱର୍ଗୀୟ ଆନନ୍ଦରେ !!!!

ପାରାଦ୍ୱୀପ

## ପେଶାରେ ସାମ୍ବାଦିକା ନିଶାରେ ମଡେଲିଙ୍ଗ

ନିଜର ନିଆରା ଢଙ୍ଗ ଓ ସୁନ୍ଦର ଚେହେରା ପାଇଁ ସବୁବେଳେ ସାଙ୍ଗମାନଙ୍କ ଗହଣ ରେ ଚ଼ର୍ଚ୍ଚାର କେନ୍ଦ୍ର ବିନ୍ଦୁ ପଲଟନ୍ତି ନିର୍ଲିପ୍ତା ବରାଳ । ପିଲାଟି ବେଳୁ ଫୋଟୋ ଉଠାଇବା ତାଙ୍କର ଏକ ସଉକ ଥିଲା ପରେ ତାହା ନିଶା ପାଲଟି ଯାଇଥିଲା ଏଯାବତ ସେ ତିନି ହଜାରରୁ ଉର୍ଦ୍ଧ୍ୱ ଫଟୋ ଉତ୍ତଳନ କରି ସାରିଲେଣି । ତାଙ୍କର ନିଆରା ଫୋଟୋ ଉଟାଇବା ଷ୍ଟାଇଲି ତାଙ୍କୁ ଅନ୍ୟମାନଙ୍କଠୁ ସ୍ୱତନ୍ତ୍ର କରେ । ଜଗସିଙ୍ଗପୁର କୁଜଙ୍ଗ ଗ୍ରାମ ର ଝିଅ ସୁଶ୍ରୀ ନିର୍ଲିପ୍ତା ବରାଳ,ପ୍ରକୃତି ଯେମିତି ତାଙ୍କୁ ଏକ ନିଆରା ସୌନ୍ଦର୍ଯ୍ୟ ସହ ଗଢ଼ିଛି । ଆଜିର



ଖବର ଚ଼ାନେଲ ରେ ସାମ୍ବାଦିକା ଭାବେ କାର୍ଯ୍ୟ କରନ୍ତି ନିର୍ଲିପ୍ତା ସେ ସୁନ୍ଦର ଖବର ଉପସ୍ଥାପନା ମଧ୍ୟ କରନ୍ତି । ଆଗକୁ ମଡେଲିଙ୍ଗ କୁ ନେଇ କାରୀୟର ଗଢିବା କୁ ଆଶା ରଖିଛନ୍ତି ନିର୍ଲିପ୍ତା ।ସେ ନିଶ୍ଚୟ ତାଙ୍କ ଗାଁ ର ନା କୁ ଉପରକୁ ନେବେ ଏଥିରେ ସନ୍ଦେହ ନାହିଁ ।

## ସରସ୍ୱତୀଙ୍କ ଆର୍ଶିବାଦ ସର୍ବାଣୀ ଦାସ

ଶ୍ରୀକ୍ଷେତ୍ର ଧାମ ପୁରୀ ଜିଲ୍ଲା ଝିଅ ସର୍ବାଣୀ ଦାସ ଏକା ଧାରା ରେ ଜଣେ ଆଇନଜୀବୀ, କବିୟତ୍ରୀ, ଉପସ୍ଥାପିକା, କଣ୍ଠ ଶିଳ୍ପୀ ଓ ସମାଜସେବୀ ।ଯାହା ଙ୍କ ଲିଖନୀ ରୁ ଝରି ଯାଏ ମାନମୁଗ୍ଧକର କବିତା ଆଉ ସେ ଅତି ସୁନ୍ଦର ଭାବେ ଉପସ୍ଥାପନା ମଧ୍ୟ କରିପାରନ୍ତି ।ପେଶା ରେ ସେ ଜଣେ ଆଇନଜୀବୀ ହେଲେ ତାଙ୍କ ବ୍ୟକ୍ତତ୍ୱ ବହୁମୁଖୀ ପ୍ରତିଭା ରେ ଭରପୁର ।ପିଲା ଟି ବେଳୁ ସେ ସ୍ୱର ସାଧନ କରି ଆସୁଛନ୍ତି ଆଉ କବିତା ଲେଖନୀ ତାଙ୍କ ନିଶା ।ପୁରୀ ର ବିଭିନ୍ନ କାର୍ଯ୍ୟ କର୍ମ ରେ ସେ ଉପସ୍ଥାପନା ଓ କବିତା ପଠନ କରି ସଭିଙ୍କ ମନ ମୋହିଥାନ୍ତି ସର୍ବାଣୀ ଦାସ,ଅତି ଦରଦୀ



ହୃଦୟର ହୋଥିବାରୁ ସମାଜସେବା କୁ ସେ ତାଙ୍କ ଧର୍ମ ବୋଲି ମଣି ନେଇଛନ୍ତି ।ଅତି ସୁନ୍ଦର ଭାବେ ସେ ଓଡ଼ିଆ ଓ ହିନ୍ଦୀ ଓ ଇଂରାଜୀ ଗୀତ ଗାଇ ସଭିଙ୍କ ମନମହି ପାରନ୍ତି ସର୍ବାଣୀ ଦାସ ।ଆଗାମୀ ଦିନରେ ସର୍ବାଣୀ ଜଣେ ସୁନାମଧନ୍ୟ କଣ୍ଠ ଶିଳ୍ପୀ ହବାର ଲକ୍ଷ୍ୟ ରଖିଛନ୍ତି ।




## କେନ୍ଦ୍ର ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁ ମିଳନ

ଘଷିପୁରା (ପିଏନ୍): ଆନନ୍ଦପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନ କକ୍ଷରେ ଜାତୀର ଜନକ ମହାତ୍ମା ଗାନ୍ଧୀଙ୍କ ଜୟ'ୀ ପାଳନ ଅବସରରେ ଆନନ୍ଦପୁର ଉପଖଣ୍ଡ ସ୍ତରୀୟ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ପଦ୍ମନାଭ ମହାପାତ୍ରଙ୍କ ସଂଯୋଜନାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ବରିଷ୍ଠ ସାଥୀ ବାମଦେବ ନାୟକ, ପ୍ରଶାନ୍ତ କୁମାର ନାୟକ, ଅମୂଲ୍ୟଧନ ପତି, ନନ୍ଦ କିଶୋର ଦଳେଇ, ଶରତ କୁମାର ପହି, ନାରାୟଣ ସାହୁ, ରଘୁନାଥ ଜେନା, ବସନ୍ତ କୁମାର ପତି, ନୃସିଂହ ଚରଣ ପାଢୀ ଓ ମୁଖ୍ୟଅତିଥି ତଥା ଅବସରପ୍ରାପ୍ତ ସମବାୟ ଅଡିଟ୍ ଅଫିସର ପ୍ରଶନ୍ନ କୁମାର ନନ୍ଦୀ ପ୍ରମୁଖ ଜାତୀର ପିତା ତଥା ଦେଶ ସ୍ୱାଧୀନତାର ମୁଖ୍ୟ ପୁରୋଧା ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଆମର ସାଥୀ ସତ୍ୟାନନ୍ଦ ନାୟକଙ୍କ ଗତ ସେପ୍ଟେମ୍ବର ମାସରେ ପରଲୋକଗତରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ବରିଷ୍ଠ ସାଥୀ ଅମୂଲ୍ୟ ଧନପତି ତାଙ୍କ ଅଭିଭାଷଣରେ ଅବସର ପରେ ଭାଙ୍ଗି ନପଡି ସଂଘ ମାଧ୍ୟମରେ ଏକତ୍ରିତ ହୋଇ ଖୁସି ବାଣ୍ଟିବାର ଏହା ଏକ ଫୋରମ ବୋଲି କହିଥିଲେ । ବୈଠକରେ ମୁଖ୍ୟଅତିଥି ପ୍ରଶନ୍ନ କୁମାର ନନ୍ଦୀ ଧନୀ, ଗରୀବ ନିର୍ବିଶେଷରେ ସମସ୍ତେ ନିଜ ନିଜର ମାନସିକ ଓ ଶାରୀରିକ ଶ୍ରମ ସ୍ୱେଚ୍ଛାକୃତ ଭାବେ ସମର୍ପଣ କରିଥାନ୍ତି । ସେହିଭଳି ଅନ୍ୟତମ ସାଥୀ ନିରଂଜନ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ଗୋବର୍ଦ୍ଧନ ଜେନା, ଏକାଦଶୀ ବେହେରା, ବୈକୁଣ୍ଠନାଥ ସାହୁ, ନିରଂଜନ ମଲ୍ଲିକ, କେଶବ ଚନ୍ଦ୍ର ଓଝା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ବାଲିବନ୍ଧ ଫରେଷ୍ଟ ସେକ୍ସନରେ ୬୦ ହାତୀ ଘୁରିବୁଲୁଛନ୍ତି, ହରିଡାଯୋଡି ଜଙ୍ଗଲରେ ୧୪, କାଞ୍ଜିପାଣି ଜଙ୍ଗଲରେ ୨୦ ଏବଂ ଲକ୍ଷ୍ମୀପଶି ଜଙ୍ଗଲରେ ୨୬ ହାତୀ

ଝୁମ୍ପୁରା (ପିଏନ୍): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଂଜ ଅଧିନସ୍ଥ ବାଲିବନ୍ଧ ଫରେଷ୍ଟ ସେକ୍ସନର ଗ୍ରାମଚଂଳ ଗୁଡିକରେ କିଛି ଦିନ ହେବ ହାତୀ ଆତଙ୍କ ଜାରି ରହିଛି । ସୂଚନା ମୁତାବକ ବାଲିବନ୍ଧ ଫରେଷ୍ଟ ସେକ୍ସନ ର ହରିଡାଯୋଡି ସଂରକ୍ଷିତ ଜଙ୍ଗଲରେ ୧୪ , କାଞ୍ଜିପାଣି ଜଙ୍ଗଲରେ ୨୦ ଏବଂ ଲକ୍ଷ୍ମୀପଶି ସଂକ୍ଷିତ ଜଙ୍ଗଲରେ ୨୬ ଟିକିଆ ହାତୀ ପଲ ଘୁରିବୁଲୁଛନ୍ତି । ପଶ୍ଚିମ ଆକାଶରେ ସୂର୍ଯ୍ୟ ବୁଡିବା ଆରମ୍ଭ କଲା ମାତ୍ରେ ହାତୀମାନେ ମଧ୍ୟ ଜଙ୍ଗଲ ଭିତରୁ ବାହାରି ଗାଁ ମୁହାଁ ହୋଇ ଘର ଦ୍ୱାର ଭାଙ୍ଗି ବାଡି ବଗିଚାରେ ଥିବା ପନିପରିବା ମାଡି ଦଳି ନଷ୍ଟ କରିବା ସହିତ ଚାଷ ଜମି ଭିତର କୁ ପଶି ଅନେକ କ୍ଷୟକ୍ଷିତି କରୁଥିବା ଦେଖିବାକୁ ମିଳିଛି । ଖୁଂଟାପଡା ପଚଂାୟତ ଲକ୍ଷ୍ମୀପଶି ସଂରକ୍ଷିତ ଜଙ୍ଗଲ ନିକଟ ଚାଷ ଜମିରେ ଶନିବାର ବିଳମ୍ବିତ ରାତିରେ ୨୬ ଟିକିଆ ହାତୀପଲ ଚାଷ ଜମି ଭିତରକୁ ପଶି ଅନେକ କ୍ଷୟକ୍ଷତି କରିବା ସହିତ ନିକଟରେ ଥିବା ଜମୁନାପଶି ହୁଡିରେ ଦିନରେ ବିଶ୍ରାମ ନେଇଛନ୍ତି । ଫଳରେ ଖୁଂଟାପଡା ପଚଂାୟତର ପାର୍ବତୀପୁର, ମହାଦେବ ପୁର,ବାରଖଣ୍ଡିଆ,ଲକ୍ଷ୍ମୀପଶି ଆଦି ଗ୍ରାମ ଗୁଡିକର ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ହାତୀ ପଲଙ୍କୁ ବନବିଭାଗର କର୍ମଚାରୀମାନେ ଦିନତମାମ ଜଗି ରହିଥିବା ବେଳେ ଭୟଭିତ ନହେବା ପାଇଁ ବିଭାଗ ପକ୍ଷରୁ ଲୋକମାନଙ୍କୁ ସୁଚନା ଦିଆଯାଇଛି । ତେବେ ଏନେଇ ବନ ବିଭାଗ ପକ୍ଷରୁ ରାତିରେ ହାତୀପଲକୁ ଘଉଡାଇ ଦିଆଯିବ ବୋଲି କୁହାଯାଇଛି ।

## ଟ୍ରାଫିକ ପଏଣ୍ଟରେ ଲାଇଟ ଅଚଳ: ଗାଡିମୋଟର ଦୁର୍ଘଟଣାର ସମ୍ମୁଖୀନ

ଚଣ୍ଡିଖୋଲ (ପିଏନ)-୧୬ ନ ଓ ୫୩ ନ ଜାତୀୟ ରାଜପଥର ସଂଯୋଗସ୍ଥଳ ହେଉଛି ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଛକ.ପ୍ରତିଦିନ ଏହି ଛକଦେଇ ଶତାଧିକ ଭାରୀଜାନ ,ଚାରିଚକିଆଯାନ ଓ ବସ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି.ଏତେ ସବୁ ଗୁରୁତ୍ୱ ବହନ କରୁଥିବା ଏହି ଛକର ଟ୍ରାଫିକ ବ୍ୟବସ୍ଥା ଠିକ ନଥିବାରୁ ପ୍ରତିଦିନ ଏଠାରେ ଛୋଟମୋଟ ଦୁର୍ଘଟଣା ଘଟିଥାଏ.ଦୁର୍ଘଟଣାକୁ କମ କରିବା ପାଇଁ ସ୍ୱୟଂଚାଳିତ ବିଜୁଳି ଆଲୋକ ୨୦୨୦ ମସିହାରେ ଜାତୀୟ ରାଜପଥର ଚାରିଦିଗରେ ଲଗାଯାଇଥିଲା.ହରିଦାସପୁର ସ୍ଥିତ ରାମକୋ ସିମେଣ୍ଟ କାରଖାନାର ଆର୍ଥିକ ସହାୟତାରେ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବେୟବରାଦରେ ଏହି ସ୍ୱୟଂଚାଳିତ ବିଜୁଳି ଆଲୋକ ଲଗାଯାଇଥିଲା ମାତ୍ର ମାସେ ନଯାଉଣୁ ଚାରିଦିଗରେ ଥିବା ଆଲୋକ ଗୁଡିକ ଜଳୁନାହିଁ. ଆଲୋକ ଲଗାଯାଇଥିବା ସବୁ ଖୁଣ୍ଟମାନଙ୍କରେ ରାମକୋ ତାର ପ୍ରଚାରପ୍ରସାର ପାଇଁ ବଡ଼ବଡ଼ ବିଜ୍ଞାପନ ଲେଖାଥିବା ହୋଡିଂ ମାରିଥିଲେ ସୁଦ୍ଧା ଆଲୋକ ଜଳୁଛି କି ନଜଳଉଛି ସେଥିପ୍ରତି ରାମକୋର ଦୃଷ୍ଟିପଡୁନଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି . ସ୍ୱୟଂଚାଳିତ ବିଜୁଳି ଆଲୋକ ନଥିବାରୁ ଟ୍ରାଫିକ ପଏଣ୍ଟରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ବେଶ ଅସୁବିଧା ହେଉଥିବାର ଦେଖିବାକୁ ମିଳୁଛି .ଜାତୀୟ ରାଜପଥ ପ୍ରାଧିକରଣଙ୍କର କାର୍ଯ୍ୟାଳୟ ନିକଟରେ ଥିଲେ ମଧ୍ୟ ଏଥିପ୍ରତି ସେମାନଙ୍କର ନଜର ପଡୁନାହିଁ କି ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଉନାହିଁ .ଚଣ୍ଡିଖୋଲ ଛକରୁ ଦୁର୍ଘଟଣା ମୁକ୍ତ କରିବାପାଇଁ ତୁରନ୍ତ ଟ୍ରାଫିକ ଆଲୋକ ଜଳାଇବାର ବନ୍ଦୋବସ୍ତ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଅବକାରୀ ସ୍କ୍ୱାର୍ଡ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ଜଣେ ମଦ ବେପାରୀ ଗିରଫ, ଅନ୍ୟମାନେ ଫେରାର୍

ଧର୍ମଶାଳା(ପିଏନ୍): ଅବକାରୀ ସ୍କ୍ୱାର୍ଡ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ଫେରାର୍ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ଧର୍ମଶାଳା ଥାନା ପୁଲିସ୍ ଜଣେ ମଦ ବେପାରୀକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦେଓଦା ଗ୍ରାମର ଜ୍ଞାନରଂଜନ ମଲିକକୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ଅଭିଯୁକ୍ତମାନେ ଫେରାର୍ ହୋଇ ଯାଇଛନ୍ତି । ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ୍ ଉଦ୍ୟମ କରୁଥିବା ସୂଚନା ଦେଇଛି । ପ୍ରକାଶ ଯେ, ଧର୍ମଶାଳା ଅବକାରୀ ବିଭାଗ ଅଧୀନ ଦେଓଦା ଗାଁରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ଏ ସଂପର୍କରେ ଅଭିଯୋଗ ପାଇ ଅବକାରୀ ସ୍କ୍ୱାର୍ଡ ଦେଓଦା ଦଳିତ ସାହିରେ ଗତ ଶୁକ୍ରବାର ଅପରାହ୍ଣରେ ଅତର୍କିତ ଚଢଉ କରିଥିଲା । ମଦବେପାରୀ ମାନେ ଏହାକୁ ବିରୋଧ କରିବା ସହିତ ଅବକାରୀ କର୍ମଚାରୀଙ୍କ ଉପରେ ଢେଲାପଥର ମାଡ କରିଥିଲେ । ଏଥିରେ କନଷ୍ଟେବଳ ସଂଗ୍ରାମକେଶରୀ କୁଅଁର ଆହତ ହୋଇଥିଲେ । ମଦବେପାରୀ ଓ ତାଙ୍କ ସହଯୋଗୀଙ୍କ ସଂଘବଦ୍ଧ ଆକ୍ରମଣରେ ଅବକାରୀ ସ୍କ୍ୱାର୍ଡ ଛତ୍ରଭଙ୍ଗ ଦେଇଥିଲା । ଅବକାରୀ ବିଭାଗ ପକ୍ଷରୁ ଏଥିନେଇ ଧର୍ମଶାଳା ଥାନାରେ ଏତଲା ଦିଆଯାଇଥିଲା । ପୁଲିସ୍ ୪୯୫/୨୧ ନମ୍ବରରେ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପରେ ଏହି ଘଟଣାରେ ପୁଲିସ୍ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି ।

## ଶିକ୍ଷିତ ବେକାର ସମସ୍ୟା ମୁଣ୍ଡବ୍ୟଥାର କାରଣ !



ବର୍ତ୍ତମାନ ରାଜ୍ୟ ର ଶିକ୍ଷିତ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡିଶା ପରି ଏକ ଅଗ୍ରସର ରାଜ୍ୟର ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିବଢି ବର୍ତ୍ତମାନ ୧୦ ଲକ୍ଷରେ ପହଞ୍ଚିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଏହି ସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି। ପ୍ରତିବର୍ଷ ୧୫ ଲକ୍ଷରୁ ଉର୍ଦ୍ଧ ମାଟ୍ରିକ ଓ ୫ ଲକ୍ଷରୁ ଉର୍ଦ୍ଧ ଛାତ୍ର ଏବଂ ଛାତ୍ରୀ ମାଧ୍ୟମିକ ପରୀକ୍ଷା ଦେଇଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚଶିକ୍ଷା ଲାଭ କରିଥାନ୍ତି। କିନ୍ତୁ ଯୁକ୍ତତିନି ଓ ଏମ୍.ଏ., ଏମ୍.ଏସ.ସି ପାଶ କରୁଥିବା ହଜାର ହଜାର ଶିକ୍ଷିତଙ୍କ ପାଇଁ ସହର ବା ମଫସଲରେ କୌଣସି କାମ ନାହିଁ। ଯେଉଁମାନେ ବୈଷୟିକ ବିଦ୍ୟା ଅଧ୍ୟୟନ କରି ନିଜକୁ କୁଶଳ ଓ ସମର୍ଥ କରନ୍ତି ମାତ୍ର ବିଭିନ୍ନ ବୃତ୍ତି ପାଇଁ ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବାପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି। ଫଳରେ ସେମାନେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ପେଟ ପୋଷିବା ପାଇଁ ଯିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାରଙ୍କର ସଚ୍ଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଭିନ୍ନ ଅଫିସରେ ହଜାର ହଜାର ପଦବୀ ଖାଲି ପଡିଥିବାବେଳେ ଏତେସଂଖ୍ୟାରେ ଶିକ୍ଷିତ ବେକାର ରାଜ୍ୟ ପକ୍ଷରେ ଏକ ବିଡମ୍ବନାର ବିଷୟ। ଓଡିଶାରେ ବିଗତ ପାଂଚ ସାତବର୍ଷ ମଧ୍ୟରେ ଅନେକ ଶିଳ୍ପ କାରଖାନା ଯଦିଓ ସ୍ଥାପନ କରାଯାଇଛି ମାତ୍ର ସେସବୁ ଶିଳ୍ପସଂସ୍ଥାରେ ଯେତେ ଶିକ୍ଷିତ ଲୋକ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆମ ରାଜ୍ୟ ବାହାରର। ତେବେ ସରକାରଙ୍କର ଆମ ନିଜ ରାଜ୍ୟ ପ୍ରତି ଏପ୍ରକାର ହୀନଭାବନା କାହିଁକି ? ବାହାର ରାଜ୍ୟମାନଙ୍କରୁ ବୈଷୟିକ ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ଆମ ରାଜ୍ୟରେ ନିଯୁକ୍ତି ପାଉଛନ୍ତି। ଅନ୍ୟପକ୍ଷରେ ଆମ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରୁ ହଜାର ହଜାର ପ୍ରଶିକ୍ଷଣପ୍ରାପ୍ତ ଯୁବକ ଯୁବତୀ ରାଜ୍ୟ ବାହାରେ ଓ ବିଦେଶରେ ନିଯୁକ୍ତି ପାଇଛନ୍ତି ଯାହା ରାଜ୍ୟପାଇଁ ଗୌରବର ବିଷୟ ସାଂଗକୁ ସରକାରଙ୍କର ଅକ୍ଷମତାର ଜ୍ୱଳନ୍ତ ନମୁନା। ଏହାସତ୍ତ୍ୱେ ରାଜ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ ଯୁବକଯୁବତୀ ଶିକ୍ଷିତ ହୋଇ ଘରେ ବସିରହିବା ଚିନ୍ତାର ବିଷୟ। ଯଦି ଅନ୍ୟ ରାଜ୍ୟ କଥା ବିଚାରକୁ ନିଆଯାଏ ତେବେ ଉତ୍ତରପୂର୍ବାଂଚଳରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଏତେ ଅଧିକ ହୋଇଛି ଯେ ନିଜ ରାଜ୍ୟରେ ସେମାନଙ୍କ ପାଇଁ ନିଯୁକ୍ତି ନାହିଁ ମାତ୍ର ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ନିଯୁକ୍ତି ମିଳିଛି। ଅତିତରେ ଆସାମର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁଁ ଦକ୍ଷିଣ ଭାରତରେ ଉତ୍ତର ପୂର୍ବାଞ୍ଚଳର ବୃତ୍ତିଧାରୀ, କର୍ଣ୍ଣାଟକ ଓ ତାମିଲନାଡୁରୁ ନିଜ ଭିଟାମାଟିକୁ ଫେରିଆସିଥିଲେ। ମାତ୍ର ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଢ ହସ୍ତକ୍ଷେପ ଯୋଗୁ ଅବସ୍ଥା ସ୍ୱାଭାବିକ ହେବାପରେ ପୁନଃ ସେମାନେ ନିଜର କର୍ମସ୍ଥାନକୁ ଫେରିଥିଲେ। ସେହିପରି ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟରେ ହଜାର ହଜାର ବିହାରୀ ଶ୍ରମିକ କାମ କରିବାର ସୁଯୋଗ ପାଇ ରହିଯାଇଛନ୍ତି। ଫଳରେ 'ମରାଠୀମାନୁଷ'ବାଭୂମିପୁତ୍ରମାନଙ୍କ ନିଯୁକ୍ତିକ୍ଷେତ୍ର ସଙ୍କୁଚିତ ହେଉଛି ବୋଲି କେତେକ ମରାଠୀ ସଂଗଠନ ପ୍ରତିବାଦ କରିଥିଲେ। ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ପରି ସଂଗଠନ ମହାରାଷ୍ଟ୍ର କେବଳ ମରାଠୀମାନଙ୍କ ପାଇଁ ଆନ୍ଦୋଳନ କରିବା ଯୋଗୁ ବିହାରୀମାନଙ୍କ ବିରୋଧରେ ସଂକୀର୍ଣ୍ଣ ମାନସିକତା ସୃଷ୍ଟି ହୋଇଥିଲା। ଉକ୍ତ କାରଣରୁ ହଜାର ହଜାର ବିହାରୀ ନିଜ ରାଜ୍ୟକୁ ଫେରି ଯାଇଥିଲେ। ବେକାରୀ ସମସ୍ୟା ଯେତିକି ବଢିବ ସେତିକି ଆଞ୍ଚଳିକ ଭାବନା ତା'ର କାୟାବିସ୍ତାର କରିବ। ଆମ ରାଜ୍ୟ ଓଡିଶାର ସୌଭାଗ୍ୟ ଯେ ଆମ ରାଜ୍ୟ ଓଡିଶାର ବୈଷୟିକ ବୃତ୍ତିଧାରୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବାହାର ରାଜ୍ୟରେ ନିଯୁକ୍ତି ପାଇ ଶାନ୍ତିରେ କର୍ତ୍ତବ୍ୟ ପାଳନ କରୁଛନ୍ତି। ମହାରାଷ୍ଟ୍ରରେ ଯେପରି ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଆନ୍ଦୋଳନ ଚାଲିଛି ଓଡିଶାରେ ଓ ବଙ୍ଗଳାରେ ଯେ ସେପରି ଆନ୍ଦୋଳନ ଭବିଷ୍ୟତରେ ନହେବ ତାହା କହିହେବ ନାହିଁ। ଓଡିଶାରେ ବିଗତ ବର୍ଷମାନଙ୍କରେ ଯେତେ ଯେତେ ଶିଳ୍ପ ସ୍ଥାପିତ ହୋଇଛି ସେଥିରେ ଆମ ନିଜ ରାଜ୍ୟର ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ମିଳିବା ପରିବର୍ତ୍ତେ ବାହାର ରାଜ୍ୟରୁ ନିଯୁକ୍ତି ମିଳୁଥିବା ଯୋଗୁ ଦିନେ ଏଠାରେ ମଧ୍ୟ ଅସନ୍ତୋଷର ବହ୍ନି ଜଳିଉଠିବ, ଏଥିରେ ସନ୍ଦେହ ନାହିଁ। ଏହି ପରିପ୍ରେକ୍ଷୀରେ ଓଡିଶାରେ ବ୍ୟକ୍ତିଗତ ଉଦ୍ୟମରେ ସ୍ଥାପନ କରାଯାଇଥିବା ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜମାନଙ୍କରେ ନାମ ଲେଖାଇବା ପାଇଁ ଉପଯୁକ୍ତ ଛାତ୍ର ମିଳୁ ନ ଥିବାରୁ ୩୦ ହଜାରରୁ ଉର୍ଦ୍ଧ ସ୍ଥାନ ଖାଲି ପଡିଛି ଯାହାକି ଆମ ଶିକ୍ଷା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ୩/୪ ବର୍ଷ ଧରି ଏପରି ଅବସ୍ଥା ଲାଗିରହିଛି। ଯୁକ୍ତ ଦୁଇ ଓ ତିନି ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ସିଟ୍ ଖାଲି ପଡୁଛି। ରାଜ୍ୟମାନଙ୍କରେ ଏପରି ଦୟନୀୟ ଶିକ୍ଷାବ୍ୟବସ୍ଥା ଲାଗିରହିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ନୂତନ ଇଂଜିନିୟରିଂ କଲେଜ ଖୋଲିବା ପାଇଁ ମଂଜୁର ପ୍ରଦାନ କରୁଛନ୍ତି ଯାହା ନିହାତି ବିଚାରଯୋଗ୍ୟ। ଏପରି ସମୟରେ ବାହାର ଦେଶର ବୈଷୟିକ ଜ୍ଞାନପ୍ରାପ୍ତ ଯୁବକଯୁବତୀମାନଙ୍କୁ ଆଉ ବ୍ରିଟେନ, ଆମେରିକା ତଥା କେତେକ ୟୁରୋପୀୟ ଦେଶରେ ନନେବା ପାଇଁ ପଦକ୍ଷେପ ନେବା ଚିନ୍ତାର ବିଷୟ। ଏଭଳି ସମୟରେ ଆମ ରାଜ୍ୟରେ ଥିବା ଇଂଜିନିୟରିଂ କଲେଜରେ ପଲିଟେକନିକ୍ ଶିକ୍ଷାବ୍ୟବସ୍ଥା ସହିତ ଶିକ୍ଷିତ ବେକାରମାନଙ୍କୁ ବୃତ୍ତିଗତ ଶିକ୍ଷାଦେଇ ସେମାନଙ୍କୁ ନିଜ ରାଜ୍ୟରେ ନିଯୁକ୍ତି ଦେବା ବୁଦ୍ଧିମାନର କାର୍ଯ୍ୟ ହେବ। ବାହାର ରାଜ୍ୟରୁ ଆସି ଓଡିଶାରେ ଶିଳ୍ପସ୍ଥାପନ କରିଥିବା ବ୍ୟବସାୟୀ ଓ ଶିଳ୍ପସଂସ୍ଥାମାନେ ଓଡିଶା ବାହାରୁ ଲୋକ ଆଣି ଆମ ରାଜ୍ୟରେ ନିଯୁକ୍ତି ଦେଉଥିବାରୁ ଆମ ରାଜ୍ୟର ନିଯୁକ୍ତି ସମସ୍ୟା ସମାଧାନର ବାଟ ଫିଟିପାରୁନାହିଁ। କେବଳ ଯେଉଁ କ୍ଷେତ୍ରରେ ଓଡିଶାରେ ଉଚ୍ଚ ବୃତ୍ତିଗତଧାରୀଙ୍କ ଅଭାବ ରହିଛି କେବଳ ସେହି କ୍ଷେତ୍ରରେ ବାହାର ରାଜ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଗ୍ରହଣ କରାଯାଇପାରେ।

**ଉମାଶଙ୍କର ପ୍ରସାଦ, ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

## ମହୀଧରପଡା ଡାକ୍ତରଖାନାର ରୋଗୀ କଲ୍ୟାଣ ସମିତି ବୈଠକ

ଫୁଲନଖରା (ପିଏନ୍): ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ମହୀଧରପଡା ପୁରାତନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣସମିତି ବୈଠକ କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନିଆଳୀ ବିଧାୟକ ପ୍ରଫେସର ଡାଃ ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବାରଙ୍ଗ ବ୍ଲକ ପଂଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର ସାହୁ ଯୋଗଦେଇଥିଲେ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେ ଡା.ଃ ସୁବାସ ଚନ୍ଦ୍ର ଗୋଛାୟତ ସ୍ୱାଗତ କରିବା ସହିତ ପୂର୍ବ ବୈଠକର ପାଠ କରି ବର୍ତମାନ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ସମସ୍ତିଙ୍କୁ ଅବଗତ କରିଥିଲେ । ନୂତନ ଗୃହର ଇଲେକ୍ଟ୍ରିକରଣ ଓ ଆର.ଡି. ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇ ବିଭାଗୀୟ କର୍ତ୍ତୁପକ୍ଷଙ୍କୁ ବିଧାୟକ ଖୁବ୍ ଶୀଘ୍ର ଏହାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ଉଜ୍ଜଳ ଲାଇଟ୍, ସ୍ୱାସ୍ଥ୍ୟକେନ୍ଦ୍ରର ପରିସର ରାସ୍ତା ଢଳେଇ ଟାଇଲ, ନୂତନ ଗୃହର ଚେୟାର ଟେବୁଲ୍ କ୍ରୟ, ରୋଗୀ ସେବାର ଆବଶ୍ୟକତା ପଡୁଥିବା ଜରୁରୀକାଳିନ ସାମଗ୍ରୀ କିଣିବା ପାଇଁ ପରାମର୍ଶ ଦେଇଥିଲେ । ସମିତିରୁ ୫ ଜଣ ସଭ୍ୟଙ୍କୁ ଡାକ୍ତର ସହିତ ସଂପର୍କ ରଖି ବିଭିନ୍ନ ସମସ୍ୟାର ସମାଧାନ ପାଇଁ କମିଟି ଗଠନ କରାଯାଇଥିଲା । ଖୁବ୍ ଶୀଘ୍ର ନୂତନ ଗୃହ ଉଦ୍‌ଘାଟନ କରାଯିବାକୁ ଡାକ୍ତର ଦାବୀ କରିଥିଲେ । ଡାକ୍ତରମାନେ ଆଉଟ୍‌ଡର ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଔଷଧ ଉପରେ ଚିଠା ଲେଖିବା ପାଇଁ ପରାମର୍ଶ ଦିଆହୋଇଥିଲା ଏବଂ ପ୍ରସୁତି ମହିଳାମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଲିଭରି କରାଯାଉ, ଅତି ଆବଶ୍ୟକତା ଥିଲେ କଟକ ବଡ ମେଡିକାଲକୁ ରେଫରି କରିବାକୁ ସମିତି ତରଫରୁ ବିଶେଷଭାବେ ଆଲୋଚନା କରାଯାଇଥିଲା । କାୟାକଳ୍ପ ଯୋଜନାରେ ଅଫିସ୍ ଗୃହର ଉପରେ ଟିଣ ସେଟ୍ ଓ ଟାଇଲି ବିଛାଯାଇଥିଲା । ଘରର ଚାରିପାଖେ କାନ୍ଥ ନଥିବବାରୁ ଲଗାଣ ବର୍ଷାହେବାରୁ ଛାତଉପରେ ପାଣି ଜମିଛି, ଏହା କପରି ଘରଟି ମୁଦ ହେବ ଏବଂ ଜଳ ନିସ୍କାସନର ସୁବିଧା ହୋଇପାରିବ ବିଧାୟକ ମହୋଦୟ ଏନ୍.ଆର୍.ଏଚ୍,ଏମ୍ କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମିତିର ସଭ୍ୟ ଗୋଲଖ ଚନ୍ଦ୍ର ପାତ୍ର, ଲଳିତ କୁମାର ଦାଶ, ଅଶୋକ କୁମାର ରଥ, ବିଜୟ କେଶୋରି ମହାପାତ୍ର , ଘନଶ୍ୟାମ ପାତ୍ର ଓ ବ୍ଲକ ସି.ଡି.ପି.ଓ. ପ୍ରିୟଭାସିନୀ ମହାନ୍ତି, ବି.ଡି.ଏମ୍. ଲିପ୍ସା ନନ୍ଦ, ବି.ଏ.ଏମ୍. ବେଣୁଧର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ । ଶେଷରେ ପି.ଏଚ୍.ଇ.ଓ. ସନାତନ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । ପରେ ପରେ ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ର ପରିଷରରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଜୁ ଯୁବ ଜନତା ସଭାପତି ଶଶିଭୂଷଣ ଦାଶଙ୍କ ନେତୃତ୍ୱରେ ଏକ ସ୍ୱଚ୍ଛତା ପରିମଳ କାର୍ଯ୍ୟକ୍ରମ କରାଯାଇଥିଲା । ଏହାକୁ ମାନ୍ୟବର ବିଧାୟକ ଡାକ୍ତର ଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିବା ସହିତ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିବ୍ୟକାନ୍ତ ବାରିକ, ଅଶ୍ୱିନୀ ରଥ, ସଂଜୀମା କୌସର, ଅଶ୍ୱିନୀ ଜେନା, ରାଜଦର୍ଶନ ବାରିକ, ବିଶ୍ୱଜିତ୍ ଦାସ, ନିଲୁଫର୍ ଜାନବିନ୍ ସମେତ ବହୁ ବିଜୁ ଯୁବ ଜନତା କର୍ମୀମାନେ ଏଥିରେ ଅଂଶ ଗ୍ରହଣ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଝାଡୁ କରିବା ସହିତ ବୃକ୍ଷରୋପଣ କରିଥିଲେ।

## ବିରିକଳା ଗ୍ରାମପଂଚାୟତରେ ଗାନ୍ଧୀ ଜୟନ୍ତୀ ଅବସରରେ ଗ୍ରାମସଭା

ବିଲେଇପଦା: ଯୋଡା ବ୍ଲକ ଅନ୍ତର୍ଗତ ବିରିକଳା ଗ୍ରାମ ପଂଚାୟତ ସଭାଗୃହ ଠାରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବିଲେଇପଦା ଗ୍ରାମର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମସଭାରେ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସର୍ବସାଧାରଣରେ ଉପସ୍ଥାପନା କରାଯାଇଥିଲା । ଗ୍ରାମର ଅନେକ ଗରିବ ଆଦିବାସୀ ବୃଦ୍ଧ ଓ ମହିଳା ବାସଗୃହ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ପାନୀୟଜଳ, ବିଦ୍ୟୁତକରଣ, ବୃକ୍ଷରୋପଣ, ଶିକ୍ଷା, ରାସ୍ତା ଆଦି ଉନ୍ନତିକରଣ ପାଇଁ ଗ୍ରାମବାସୀ ପ୍ରସ୍ତାବ ରଖିଥିଲେ । ସଭାରେ ମୁଖ୍ୟଅତିଥି ଭାବେ ସରପଂଚ ରମେଶ ନାଏକ ଏବଂ ପଂଚାୟତ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ମୁଣ୍ଡା, ସମ୍ମାନୀତ ଅତିଥି ଭାବେ ବନ ବିଭାଗର ଶ୍ରୀମତୀ ପୁଷ୍ପାଳି ଦାସ, ଜିଆରଏସ ଅଜୟ ନାଏକ, ପୂର୍ବତନ ନାଏବ ସରପଂଚ ଶୁକଲାଲ ହନହାଗା ପ୍ରମୁଖ ଯୋଗ ଦେଇଥିଲେ । ଦୁଃଖର ବିଷୟ ସଭାରେ ବିଦ୍ୟୁତ୍ ବିଭାଗ, ଆରଡବ୍ଲୁଏସ୍ଏସ୍, ରାଜସ୍ୱ ନୀରିକ୍ଷକ, ଶିକ୍ଷା ବିଭାଗ,କୃଷି ବିଭାଗ ଆଦି ଉପସ୍ଥିତ ରହିଲେ ନାହିଁ । ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ ।

## ଆନ୍ଦୋଳନରତ କୃଷକଙ୍କୁ ହତ୍ୟା କରିବା ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଗଣବିକ୍ଷୋଭ

କେନ୍ଦ୍ରାପଡ଼ା (ପିଏନ୍): ଗତ ରବିବାର ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରିଠାରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରୁଥିବା କୃଷକମାନଙ୍କ ଉପରେ ସ୍ଥାନୀୟ ସାଂସଦ ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅର ନେତୃତ୍ୱରେ ଶାସକ ବିଜେପି ଦଳର ଗୁଣ୍ଡାମାନେ ଗାଡି ଚଢାଇ ଓ ଗୁଳିକରି ୬ ଜଣ କୃଷକଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି । ଏହି ଘଟଣାରେ ଅନ୍ୟ ୧୦ ଜଣ କୃଷକ ଆହତ ହୋଇଛନ୍ତି । ଏହି ଘଟଣା ପାଇଁ ହରିଆନାର ମୁଖ୍ୟମନ୍ତ୍ରୀ ମନହରଲାଲ ଖଟ୍ଟର ଏବଂ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କର ବାରମ୍ବାର ଆନ୍ଦୋଳନରତ କୃଷକମାନଙ୍କ ବିରୋଧରେ ହିଂସା ପାଇଁ ଉସୁକାଣିମୂଳକ ବକ୍ତବ୍ୟ ଏହିଭଳି ମର୍ମନ୍ତୁଦ ଘଟଣାର କାରଣ ସାଜିଛି । ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପି ପ୍ରତିବାଦ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଗତ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଲକ୍ଷ୍ମୀପୁର ଖେରି ନରସଂହାର ଘଟଣାର ଅପରାଧୀ ମାନଙ୍କ ବିରୋଧରେ ହତ୍ୟା ମକଦ୍ଦମା ଦାଏର କରି ସେମାନଙ୍କୁ ତୁରନ୍ତ ଗିରଫ କରିବା, ସୁପ୍ରିମକୋର୍ଟର ତଦାରଖରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ.ଆଇ.ଟି) ଗଠନ କରି ସଂପୂର୍ଣ୍ଣ ମାମଲାର ତଦନ୍ତ କରାଯିବା, ସମ୍ବିଧାନ ପଦପଦବୀରେ ରହି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଆନ୍ଦୋଳନ କରୁଥିବା ଦେଶର କୃଷକଙ୍କ ଉପରେ ଆକ୍ରମଣ ଓ ହିଂସାକୁ ଖୋଲାଖୋଲି ଭାବେ ଆହ୍ୱାନ ଦେଇଥିବା ବିଜେପିର ହରିଆନାର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ତୁରନ୍ତ ପଦବୀରୁ ବହିଷ୍କାର କରାଯିବା ଦାବିରେ ଏହି ଗଣବିକ୍ଷୋଭରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ଆବାହକ ଗୟାଧର ଧଳ, ଏ.ଆଇ.କେ.ଏସ.ର ଜିଲ୍ଲା ନେତା ରମଣୀରଞ୍ଜନ ରାଉତରାୟ, କିଷାନ କଂଗ୍ରେସର ଜିଲ୍ଲା ନେତା ପ୍ରଫୁଲ୍ଲ ଦାସ, ଅନ୍ୟତମ ଆବାହକ ଆଦିକନ୍ଦ ରାଉଳ, ଚାଷୀମୂଲିଆ ସଙ୍ଘର ସଭାପତି ଫକିର ଚରଣ ଖଟୁଆ, ଓଡିଶା କୃଷକ ସଭାର ଉମେଶ ଚନ୍ଦ୍ର ସିଂହ, ଏଆଇକେକେଏମଏସର ଜିଲ୍ଲା ସମ୍ପାଦିକା ଏଲିନା ସାମନ୍ତରାୟ, ଏ.ଆଇ. କେ.ଏସ.ର ଜିଲ୍ଲା ଆବାହକ ପଦ୍ମନାଭ ଦାସ, ଓଷ୍ଟାର ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ, କେନ୍ଦ୍ରାପଡା ବ୍ଲକ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି, କିଷାନ କଂଗ୍ରେସ ସଭାପତି ନାରାୟଣ ପରିଡା, ହୃଷିକେଶ ମହାପାତ୍ର, ହୀରାମଣି ରାଉତ, ମାନସରଞ୍ଜନ ପ୍ରଧାନ, ପ୍ରକାଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିବା ସହ ନେତୃତ୍ୱ ନେଇଥିଲେ।

## କମ୍ରେଡ୍ ରେବତୀବଲ୍ଲଭ ମହାପାତ୍ରଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର (ପିଏନ୍): ପ୍ରୟାତ କମ୍ରେଡ୍ ରେବତୀ ବଲ୍ଲଭ ମହାପାତ୍ର ପୁରୀ ଜିଲ୍ଲାର ଜଣେ ଜନପ୍ରିୟ କମ୍ୟୁନିଷ୍ଟ ନେତା ଭାବେ ସମସ୍ତଙ୍କର ଅତି ଆଦରଣୀୟ ଥିଲେ । ତାଙ୍କର ଆକସ୍ମିକ ବିୟୋଗ କମ୍ୟୁନିଷ୍ଟ ଆନ୍ଦୋଳନ ପ୍ରତି ଅପୂରଣୀୟ କ୍ଷତି । କମ୍ରେଡ୍ ରେବତୀ ମହାପାତ୍ରଙ୍କୁ ଅନ୍ତିମ ଦର୍ଶନ କରି ସି.ପି.ଆଇ.(ଏମ୍) ରାଜ୍ୟ ନେତୃବୃନ୍ଦ ଲାଲ ପତାକା ଏବଂ ପୁଷ୍ପ ପ୍ରଦାନ କରି ସମ୍ମାନର ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସିପିଆଇ (ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ୍ ସନ୍ତୋଷ ଦାସ, ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ ଏବଂ ଜିଲ୍ଲା ସମ୍ପାଦକ ଭୀମସେନ ସ୍ୱାଇଁ, ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ୍ ଜଗନ୍ନାଥ ଦେଓ, ଭାଗିରଥି ବେହେରା, କଣାସ ଏଲ.ସି. ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଓ ପ୍ରମୁଖ ସମଗ୍ର ଜିଲ୍ଲା ଏବଂ ପୁରୀ ଏଲ୍.ସି. ନେତୃବୃନ୍ଦ କମ୍ରେଡ୍ ରେବତୀବଲ୍ଲଭ ମହାପାତ୍ରଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ୟରର୍ସହୋପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଖୋର୍ଦ୍ଧା(ପି.ଏନ): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ୟରର୍ସହୋପ ଫାଉଣ୍ଡେସନ ପକ୍ଷରୁ ଗୋପବନ୍ଧୁଙ୍କ ୧୩୮ ତମ ଜୟନ୍ତୀ ଅବସରରେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୨୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ସୁଖିଲା ଖାଦ୍ୟ ତଥା ଫଳ ବଂଟନ କରାଯିବା ସହିତ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏହା ସହିତ ଚିକିତ୍ସାଳୟ ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା । ସଂଗଠନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ରୀନା ରାଣୀ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ବରିଷ୍ଠ ଆଇନଜୀବି ତଥା ଖୋରଧା ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଶିଶିର କୁମାର ପରିଡ଼ା ଯୋଗେଶ ପଣ୍ଡା, ଦିଲ୍ଲୀପ କୁମାର ପଟ୍ଟନାୟକ, ରାମ ନାରାୟଣ ଦାଶ, ସଂଗଠନର ସଦସ୍ୟ ସନ୍ତୋଷ ନାୟକ, ଗୋପାଳ ଭଞ୍ଜ, ଶୁଭକାନ୍ତ ଛୁଆଳସିଂହ, ମୀରା ଦେବୀ, ବିକାଶ ପଟ୍ଟରାସିଂ, ରଂଜନ ନାୟକ, ଚିର ଅନୁଭବ ପ୍ରମୁଖ ସହଯୋଗ କରିଥିଲେ । ସଂଗଠନର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ଉଚ୍ଚ ପ୍ରଂଶସା କରାଯାଇଥିଲା ।



## ତ୍ରିସ୍ତରୀୟ ନିର୍ବାଚନର ସଂରକ୍ଷଣ ତାଲିକା ପ୍ରକାଶ ପାଇଲା, ଝୁମ୍ପୁରା ପଟ□ାୟତ ସମିତି ଦଖଲରେ ଅନୁସୂଚୀତ ଜନଜାତି ମହିଳା

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ୨୨ଗୋଟି ପଚଂାୟତର ସଂରକ୍ଷଣ ତାଲିକା ଶନିବାର ଦିନ ପ୍ରକାଶ ପାଇଛି । ତ୍ରିସ୍ତରୀୟ ନିର୍ବାଚନ ହେବାର ୧୨ ଫେବୃୟାରୀ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଶନିବାର ଦିନ ସଂରକ୍ଷଣ ତାଲିକା ପ୍ରକାସ ପାଇଛି । ଝୁମ୍ପୁରା ପଚଂାୟତ ସମିତି ଅନୁସୂଚୀତ ଜନଜାତି ମହିଳା ସଂରକ୍ଷଣ ହୋଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ସେହି ପରି ଅର୍ଶଳା ପଚଂାୟତ ସମିତି ସଭ୍ୟ ଅନୁସୂଚୀତ ଜନଜାତି ମହିଳା, ଅସନପାଟ ପଚଂାୟତ ସମିତି ସଭ୍ୟ ଅନୁସୂଚୀତ ଜନଜାତି ମହିଳା, ଉଖୁଣ୍ଡା ପଚଂାୟତ ସମିତି ସଭ୍ୟ ଅନୁସୂଚୀତ ଜନଜାତି, କୁଟୁଗାଁ ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ଖୁଟଂାପଡା ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ଖେଣ୍ଡରା ପଚଂାୟତ ଅସଂରକ୍ଷିତ ମହିଳା, ଗୁଣ୍ଡୁଣିଆଁ ପଚଂାୟତ ପଛୁଆବର୍ଗ ମହିଳା, ଚଉଠିଆ ପଚଂାୟତର ଅନୁସୂଚୀତ ଜନଜାତି ମହିଳା, ଝୁମ୍ପୁରା ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ଟୁକୁଡିହା ପଚଂାୟତର ଅସଂରକ୍ଷିତ ମହିଳା, ଧନୁର୍ଜୟପୁର ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ନହବେଡା ପଚଂାୟତ ଅନୁସୂଚୀତ ଜନଜାତି, ନୟାଗଡ ପଚଂାୟତ ଅନୁସୂଚୀତ ଜନଜାତି, ନାରଦପୁର ପଚଂାୟତ ଅନୁସୂଚୀତ ଜନଜାତି, ନିଶ୍ଚିନ୍ତପୁର ପଚଂାୟତ ଅନୁସୂଚୀତ ଜନଜାତି, ବଡଡୁମୁରିଆ ପଚଂାୟତ ଅନୁସୂଚୀତ ଜନଜାତି, ବଡନେଉଳି ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ବସନ୍ତପୁର ପଚଂାୟତ ଅନୁସୂଚୀତ ଜାତି, ବାରିଆ ପଚଂାୟତ ଅନୁସୂଚୀତ ଜନଜାତି, ବାଲିବନ୍ଧ ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ମଲଦା ପଚଂାୟତର ଅନୁସୂଚୀତ ଜନଜାତି ସମିତି ସଭ୍ୟ ଭାବେ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ସେହିପରି ୨୨ ଗୋଟି ପଚଂାୟତ ପାଇଁ ସରପଚଂ ପଦବୀ ନିମନ୍ତେ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ଅର୍ଶଳା ପଚଂାୟତର ସରପଚଂ ପଦବୀ ନିମନ୍ତେ ଅନୁସୂଚୀତ ଜନଜାତି ମହିଳା, ଅସନପାଟ ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ଉଖୁଣ୍ଡା ପଚଂାୟତ ଅନୁସୂଚୀତ ଜନଜାତି ମହିଳା, କୁଟୁଗାଁ ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ଖୁଟଂାପଡା ପଚଂାୟତର ଅନୁସୂଚୀତ ଜନଜାତି, ଖେଣ୍ଡରା ପଚଂାୟତର ଅନୁସୂଚୀତ ଜନଜାତି ମହିଳା, ଗୁଣ୍ଡୁଣିଆଁ ପଚଂାୟତ ଅନୁସୂଚିତ ଜନଜାତି, ଗୁମୁରା ପଚଂାୟତର ଅନୁସୂଚୀତ ଜନଜାତି, ଚଉଠିଆ ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ଝୁମ୍ପୁରା ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ଟୁକୁଡିହା ପଚଂାୟତ ଅନୁସୂଚୀତ ଜନଜାତି, ଧନୁର୍ଜୟପୁର ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ନହବେଡା ପଚଂାୟତ ଅନୁସୂଚୀତ ଜନଜାତି, ନୟାଗଡ ପଚଂାୟତ ଅନୁସୂଚୀତ ଜନଜାତି, ନାରଦପୁର ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ନିର୍ଶ୍ଚିନ୍ତପୁର ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ବଡଡୁମୁରିଆ ପଚଂାୟତ ଅନୁସୂଚୀତ ଜନଜାତି, ବଡନେଉଳି ପଚଂାୟତ ଅନୁସୂଚୀତ ଜନଜାତି, ବସନ୍ତପୁର ପଚଂାୟତ ଅନୁସୂଚୀତ ଜନଜାତି, ବାରିଆ ପଚଂାୟତ ଅନୁସୂଚୀତ ଜନଜାତି, ବାଲିବନ୍ଧ ପଚଂାୟତ ଅନୁସୂଚୀତ ଜନଜାତି ମହିଳା, ମାଲଦା ପଚଂାୟତ ଅନୁସୂଚୀତ ଜନଜାତି ଭାବେ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ସେହି ପରି ୧୬ ନମ୍ବର ଜୋନ ଜିଲ୍ଲାପରିଷଦ ପଦବୀ ନିମନ୍ତେ ଅନୁସୂଚୀତ ଜନଜାତି ମହିଳା, ୧୭ ନମ୍ବର ଜୋନ ଜିଲ୍ଲାପରିଷଦ ନିମନ୍ତେ ଅନୁସୂଚୀତ ଜାତି ଏବଂ ୧୮ ନମ୍ବର ଜୋନ ନିମନ୍ତେ ପଛୁଆବର୍ଗ ସଂରକ୍ଷଣ ରହିଛି । ଏହି ସଂରକ୍ଷଣ ତାଲିକା ନିମନ୍ତେ ଆପତି କିମ୍ବା ପ୍ରସ୍ତାବ ୧୬ ତାରିଖ ପୂର୍ବରୁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଁଚିବା ନେଇ ସୂଚନା ରହିଛି ।

## ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମେରୀରାୟନୀତି ବିରୋଧରେ ନୂତନ ପେନସନଭୁକ୍ତ ଶିକ୍ଷକମାନେ ଆଣିଲେ ଅଭିଯୋଗ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପଦୋନ୍ନତି ପାଇଥିବା ନୂତନ ପେନସନଭୁକ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଗୁରୁବାର ଅପରାହ୍ନ ସମୟରେ ହରିପଶି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ସଭାପତି ବିନୋଦ ବିହାରୀ ମହାନ୍ତ ଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ଉକ୍ତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ,ଝୁମ୍ପୁରା ଙ୍କ ମେରୀରାୟନୀତି ବିରୋଧରେ ଏବଂ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ପଦୋନ୍ନୋତି ନିମନ୍ତେ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା (ଡିରେକ୍ଟର ଅଫ ଏଲିମେଂଟାରୀ ଏଜୁକେଶନ) ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ୧୩୫୬୦/୩ଏସ୍-୨୬୭-୧୧-୨୦୧୪ ତା ୧୯.୮.୨୦୨୧ ଅନୁସାରେ ନିଯୁକ୍ତି ନିର୍ଦ୍ଦେଶ ରହିଛି । ସେହି ପଦୋନ୍ନତି କ୍ୟାଲେଣ୍ଡରେ ତା ୩୦.୦୯.୨୦୨୧ ନିଯୁକ୍ତି ତାରିଖ ରହିଥିବା ଉଲ୍ଲେଖ ରହିଛି । ତଦନୁସାରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) କେନ୍ଦୁଝରଙ୍କ ପତ୍ର ସଂଖ୍ୟା-୧୫୦୩୪,୧୫୦୬୩ ତା ୨୮.୦୯.୨୦୨୧ ମଧ୍ୟ ଏହାର କାର୍ଯ୍ୟକାରିତା ନିମନ୍ତେ ଗୋଷ୍ଠୀ ଶିକ୍ଷାଧିକାରୀ ମାନଙ୍କୁ ନିର୍ଦ୍ଦେଶ ଅଛି । ମାତ୍ର ଦୁଃଖ ଓ ପରିତାପର ବିଷୟ ଆମ ଝୁମ୍ପୁରା ବ୍ଲକ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ସକାସେ ଦିଆଯାଇଥିବା ନିର୍ଦ୍ଦେଶନାମାରେ ତା ୩୦.୦୯.୨୦୨୧ ରିଖ ପରିବର୍ତେ ତା ୦୧.୧୦.୨୦୨୧ରେ ଯୋଗ ଦେବାକୁ ଗୋଷ୍ଠୀ ଶିକ୍ଷାଧିକାରୀ, ଝୁମ୍ପୁରାଙ୍କ ନିର୍ଦ୍ଦେଶ ରହିଛି । ଯାହାକି ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ( ଡିରେକ୍ଟର ଅଫ ଏଲିମେଂଟାରୀ ଏଜୁକେଶନ) ଭୁବନେଶ୍ୱର ଏବଂ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ପ୍ରଦତ ନିର୍ଦ୍ଦେଶନାମାର ବିରୋଧଭାସ ଦର୍ଶାଉଛି । ଫଳରେ ଗୋଷ୍ଠୀ ଶିକ୍ଷାଧିକାରୀ ,ଝୁମ୍ପୁରା ଅଧିନରେ ନୂତନ ଭାବେ ପଦୋନ୍ନତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନେ ଆର୍ଥିକ କ୍ଷତି ସହିବା ସହିତ ଭବିଷ୍ୟତରେ ପଦୋନ୍ନତି ସମୟରେ ଅସୁବିଧାର ସମ୍ମୁଖୀନ ହେବେ । ଏହା ବ୍ୟତିତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ସଠିକ ସମୟରେ ଦରମା ମିଳୁନଥିବା ନେଇ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଉପରୋକ୍ତ ବିଷୟ ପ୍ରତି ଗୋଷ୍ଠୀ ଶିକ୍ଷାଧିକାରୀ ଗୁରୁତ୍ୱ ଦେବା ନିମନ୍ତେ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଶୁକ୍ରବାର ଦିନ ଲିଖିତ ଆକାରରେ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କୁ ଜଣାଇଛନ୍ତି । ଏନେଇ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଦୁଃଶାସନ ସିଂ ଙ୍କ ମତାମତ ଲୋଡିବାରୁ ସମସ୍ତ ଘଟଣା ଏଡାଇଯାଇ କିଛି ତ୍ରୁଟିବିଚ୍ୟୁତ ହୋଇଯାଇଥିଲା । ସାର ମାନଙ୍କୁ ତା ୩୦.୦୯.୨୦୨୧ ରିଖରେ ନିଯୁକ୍ତି ପାଇଁ ପୂର୍ନବାର ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ ।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୭ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଆନନ୍ଦପୁର ପୌରା□ଳ ୧୪ନଂ ୱାର୍ଡର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଘଷିପୁରା: ଆନନ୍ଦପୁର ପୌରା□ଳ ୧୪ନଂ ୱାର୍ଡ ଘଷିପୁରା ମଙ୍ଗଳା ସାହିର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇ ପଡିଛି । ବିଦ୍ୟୁତ୍ ଖୁଞ୍ଚ ସଲଗ୍ନ ଯାଇଥିବା କଂକ୍ରିଟ ରାସ୍ତାକୁ ଲାଗି ଦୀର୍ଘ ବର୍ଷ ଧରି ସାହିର ଜନୈକ ବ୍ୟକ୍ତି ଜଣକ କ□ା ଗୋବର ଗଦା କରୁଥିବାରୁ ବର୍ଷାଦିନେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି । ବିଦ୍ୟୁତ୍ ଖୁଞ୍ଚ ଚତୁଃପାର୍ଶ୍ୱରେ ବାଡଘେରା କରାଯାଇ ନଥିବାରୁ ଅନାବନା ଲଟାରେ ଖୁଞ୍ଚଟି ସମ୍ପୂର୍ଣ୍ଣ ଢାଙ୍କି ହୋଇ ପଡିଛି । ଫଳରେ ଖୁଞ୍ଚରେ ଲାଗିଥିବା ଏଲଇଡି ବଲବର ଆଲୋକ ତଳେ ପଡିପାରୁ ନାହିଁ । ବର୍ଷା ଋତୁରେ ଅନ୍ଧକାର ହେବା ଯୋଗୁଁ ଯାତାୟତ ସମୟରେ ସରୀସୃପର ଭୟ ଭୟ ରହୁଛି । କଂକ୍ରିଟ ରାସ୍ତାକୁ ବେଆଇନ୍ ଭାବେ ଅବରୋଧ କରି ଗୋବର ପକାଯାଉ ଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଡେଙ୍ଗୁର ଭୟ ରହୁଛି । ସାରା ପୌରା□ଳରେ ସ୍ୱଚ୍ଛ ସଚେତନତା କାର୍ଯ୍ୟକ୍ରମ, ସ୍ୱଚ୍ଛ ସାଥୀ ନିୟୋଜନ ବ୍ୟବସ୍ଥା ଥାଇ ମଧ୍ୟ କୌଣସି ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁନାହିଁ । ସ୍ଥାନୀୟ ଲୋକେ ଉକ୍ତ ପୁତିଗନ୍ଧମୟ ପରିବେଶ ସମ୍ପର୍କରେ ସଂପୃକ୍ତ ୱାର୍ଡର ସ୍ୱଚ୍ଛ ସାଥୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏହା ଆମର କାମ ନାହିଁ କହି ଏଡାଇ ଯାଉଛନ୍ତି । ଏ ସମ୍ପର୍କରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରୁ ନାହିଁ । ଏଣୁ ପରିବେଶ ସ୍ୱଚ୍ଛା ଦୃଷ୍ଟିରୁ ରାସ୍ତା ଅବରୋଧକାରୀଙ୍କୁ ହଟାଇବା ସହିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡବାସୀ ଦାବି କରିଛନ୍ତି ।

## ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

## ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥିଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

## ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟାପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗନ୍ତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

## ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

## ଷଷ୍ଠ ସଂରକ୍ଷଣ ସୁରକ୍ଷିତ ପରିବେଶ ସମ୍ପର୍କୀତ ଜାତୀୟ ଆଲୋଚନାଚକ୍ର




ଭୁବନେଶ୍ୱର : ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଏଣ୍ଡ୍ ଏନ୍‌ଭାର୍‌ମେନ୍‌ଟ୍ ମ୍ୟାନେଜମେନ୍‌ଟ୍ ସର୍ଭିସେସ୍, ଭୁବନେଶ୍ୱର ଦ୍ୱାରା ଅକ୍ଟୋବର ୯ତାରିଖରେ ହୋଟେଲ୍ ଦି ନ୍ୟୁ ମ୍ୟାରିୟନ୍ ଭୁବନେଶ୍ୱରରେ ନ୍ତସୁରକ୍ଷିତ ପରିବେଶନ୍ତ ସମ୍ପର୍କୀତ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ଉତ୍ପାଦକତା ପରିଷଦର ପୃଷ୍ଠପୋଷକତାରେ କରାଯାଇଥିଲା । ଆଲୋଚନାଚକ୍ରର ବିଷୟବସ୍ତୁ ନ୍ତପ୍ରମୁଖ ଶିକ୍ଷସଂସ୍ଥା ସହ ଦାୟିତ୍ୱ ସମ୍ପନ୍ନ ଭାବେ ଉତମ ଭାବ ବିନିମୟ ପୂର୍ବକ ପୃଥିବୀ ସହ ପ୍ରାକୃତିକ ସମ୍ପଦର ସଂରକ୍ଷଣନ୍ତ । ଉକ୍ତ ଆଲୋଚନାଚକ୍ରର ଆବାହକ ତଥା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଏଣ୍ଡ୍ ଏନ୍‌ଭାର୍‌ମେନ୍‌ଟ୍ ମ୍ୟାନେଜମେନ୍‌ଟ୍ ସର୍ଭିସେସ୍, ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦେବବ୍ରତ ପାଣିଗ୍ରାହୀ ଶିକ୍ଷସଂସ୍ଥା ମାନଙ୍କର ପ୍ରଦୂଷଣ ସମସ୍ୟା ଏବଂ ଏହା ଦେଶର ଜଳବାୟୁ ପରିବର୍ତନର ପ୍ରଭାବ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଅଧିକ ଯନ୍ତ୍ରଶୀଳ କାର୍ଯ୍ୟକାରିତା,ପରସ୍ପର ସହଭାଗୀତା ଓ ସୁରକ୍ଷିତ ପରିବେଶ ସମ୍ବନ୍ଧୀୟ ସୂଚକାଙ୍କର ପର୍ଯ୍ୟବେକ୍ଷଣ ଦ୍ୱାରା ପରିବେଶ ଓ ଅର୍ଥନୀତି ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇପାରିବ । ସମସ୍ତ ଭାଗିଦାରମାନେ ଏକତ୍ରଭାବେ ଆଲୋଚନା ଓ ପର୍ଯ୍ୟାଲୋଚନା କରି ଏକ ଦୀର୍ଘସୂଚୀ ସାମଗ୍ରିକ ବିକାଶର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ନିତ୍ୟାନ୍ତ ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଶ୍ରୀଯୁକ୍ତ ବିନୋଦର କୁମାର ଅଧ୍ୟକ୍ଷତା କରି ତାଙ୍କ ସ୍ୱାଗତ ଭାଷଣରେ ଦେଶର ପ୍ରଦୂଷଣ ମୁକ୍ତ, ସ୍ୱଚ୍ଛ ଓ ସବୁଜ ପରିବେଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଯୋଗ ଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡ. କେ. ମୁରୁଗେସନ୍ ଯୋଗଦେଇଥିଲେ । ଏହି ଅବସରରେ ପରିବେଶ ସମ୍ବନ୍ଧୀୟ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଶିଳ୍ପ ଓ ଖଣି ସଂସ୍ଥାର ବିଜେତାମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ନ୍ତକଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର-୨୦୨୦ନ୍ତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏକ ସ୍ମାରକ ପତ୍ରିକା ଉନ୍ମୋଚନ କରିଥିଲେ । ଏହି ଆଲୋଚନାଚକ୍ରରେ ବିଭିନ୍ନ ଶିକ୍ଷସଂସ୍ଥା ଓ ସରକାରୀ ଅନୁଷ୍ଠାନ ତରଫରୁ ସନ୍ଦର୍ଭ ପାଠ କରାଯାଇଥିଲା । ସରକାରଙ୍କ କୋଭିଡ୍ ମାର୍ଗଦର୍ଶିକାକୁ ପାଳନ କରି ଶିକ୍ଷସଂସ୍ଥାମାନଙ୍କର ପ୍ରତିନିଧିଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଏଣ୍ଡ୍ ଏନ୍‌ଭାର୍‌ମେନ୍‌ଟ୍ ମ୍ୟାନେଜମେନ୍‌ଟ୍ ସର୍ଭିସେସ୍, ଭୁବନେଶ୍ୱରର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀଯୁକ୍ତ ସୁବ୍ରତ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାପା, ମାଆଙ୍କ ମୁହଁରେ ହସ ଫୁଟାଇଲା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ୧୧୬ ଜଣ ଶ୍ରବଣବାଧିତ ଶିଶୁ ଶୁଣିବାକୁ ଓ କହିବାକୁ ସମର୍ଥ ହେଲେ

କେନ୍ଦୁଝର: ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଜାଆଁଳାଠାରେ ଥିବା ଏ.ୱାଇ.ଜେ.ଏନ୍.ଆଇ.ଏସ୍.ଏଚ୍.ଡି ଅନୁଷ୍ଠାନର ମିଳିତ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସଅଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି.)ଠାରେ ତା ୦୭.୧୦.୨୦୨୧ରିଖରୁ ତା ୦୮.୧୦.୨୦୨୧ରିଖ ପର୍ଯ୍ୟନ୍ତ ଦୁଇଦିନ ଧରି ଚାଲିଥିବା ଶ୍ରବଣବାଧିତ ଶିଶୁଙ୍କୁ ଶ୍ରବଣ ଯନ୍ତ୍ର ବଂଟନ ସହିତ ବିନ୍ଧାଇବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଶୁଭଉଦ୍‌ଘାଟନ କରିବା ସହିତ ସମ୍ଭାଷଣ ପ୍ରଦାନ କରି କହିଥିଲେ ଯେ କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ ରୂପାୟନ ମଧ୍ୟମରେ ଅନେକ ବାପା, ମାଆଙ୍କ ମୁହଁରେ ହସ ଫୁଟାଇ ଆସୁଛି ଏବଂ ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦୁଝର ଜିଲ୍ଲାର ଥିବା ସମସ୍ତ ଶ୍ରବଣବାଧିତ ଶିଶୁମାନଙ୍କୁ ପର୍ଯ୍ୟାୟକ୍ରମେ ଉପଯୁକ୍ତ ସୁବିଧାସୁଯୋଗ ଯୋଗାଇଦିଆଯିବ । ଜିଲ୍ଲାପାଳ ଶ୍ରୀ ଠାକରେ ସଂପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଏପରି ଉନ୍ନତ ସେବା ମନୋଭାବକୁ ଭୂୟସି ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚିହ୍ନଟ ହୋଇଥିବା ୧୧୬ ଜଣ ଶ୍ରବଣବାଧିତ ଶିଶୁଙ୍କୁ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଶ୍ରବଣ ଯନ୍ତ୍ର ବିନା ମୂଲ୍ୟରେ ପ୍ରଦାନ କରାଯାଇଛି । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ଯୋଗଦେଇ ଜନ୍ମରୁ ଶ୍ରବଣବାଧିତ ଶିଶୁମାନଙ୍କଠାରେ ଥିବା ଶ୍ରବଣ ସମସ୍ୟା ଓ ବାକ୍ ସମସ୍ୟାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି ଯାହାକି ସେମାନେ ଏହି ଯନ୍ତ୍ର ପିନ୍ଧିବା ପରେ ଜଣେ ସୁସ୍ଥ ପିଲା ପରି ସବୁ କଥା ଶୁଣିପାରିବେ ଏବଂ କଥା ମଧ୍ୟ କହି ପାରିବେ । ତେବେ ଏହି ଶିଶୁମାନଙ୍କ ପାଇଁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏକ ନୂଆ ରାହା ସୃଷ୍ଟି କରିଛି । ତତ୍ ସହିତ ଜନ୍ମ ପର ଠାରୁ ମା'ର ସ୍ୱର ଶୁଣି ନଥିବା ଏହି ଶିଶୁମାନେ ପ୍ରଥମ ଥର ପାଇଁ ମାଆର ସ୍ୱର ଶୁଣିବାକୁ ସମର୍ଥ ହେବେ ଏବଂ ମା'ମାନେ ମଧ୍ୟ ନିଜ ଶିଶୁଠାରୁ ମାଆ ଡାକ ଶୁଣି ପାରିବେ ବୋଲି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଲଲାଟେନ୍ଦୁ ନାୟକ, ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧିକ୍ଷକ ଡାଃ କିଶୋର କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ ଦେବେନ୍ ଦାସ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ପ୍ରଣତିନୀ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲିପ କୁମାର ଦୁବେ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଅନୁସ୍ୱୟା ସାହୁ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ ଉପସ୍ଥିତ ଥିବା ଶ୍ରବଣବାଧିତ ଶିଶୁଙ୍କ ମଙ୍ଗଳକାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡାକ୍ତର ଅନିତା ଜେନା ଯୋଗ ଦେଇ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡି.ଆଇ.ଇ.ସି.ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଉତ୍କଳମଣି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

ଖଣ୍ଡପଡା: ଖଣ୍ଡପଡାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ମଧୁବନ ମିନି ଷ୍ଟାଡିୟମ ପରିସରସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଖଣ୍ଡପଡାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ନ୍ତମୁଁ ବଘେଲ' ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତାମାନେ ମଧ୍ୟ ପୂଣ୍ୟାତ୍ମାଙ୍କ ପ୍ରତିମୂର୍ତୀ ନିକଟରେ ଉପସ୍ଥିତ ରହି ଭକ୍ତିପୂତ ଶ୍ରଦ୍ଧାଂଜଳି ଜଣାଇଥିଲେ । ସେହିପରି ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ସ୍ଥାନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି ।



## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ପୋଲିସ ଅଫିସର ବିଶ୍ୱଜିତ ବେହେରା

ଆନନ୍ଦପୁର: ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ଜିଲ୍ଲାର ଜଣେ ସଚ୍ଚୋଟ ତଥା କର୍ତବ୍ୟନିଷ୍ଠା ପୋଲିସ୍ ଅଫିସର ବିଶ୍ୱଜିତ ବେହେରା (ଜଟିଆ ସାର)ଙ୍କ ଜନ୍ମଦିନ ଉପଲକ୍ଷେ ଆଜି ଘଷିପୁରା ଠାରେ ଗରିବ ଜନସାଧାରଣ ଏବଂ ଅସହାୟ ବ୍ୟକ୍ତିଙ୍କୁ ଶୁଖିଲା ଖାଦ୍ୟ ସହ ବସ୍ତ୍ର ପ୍ରଦାନ କରିଛନ୍ତି । ଅଫିସର ଶ୍ରୀ ବେହେରା ଜିଲ୍ଲାର ଯେ କୌଣସି ସ୍ଥାନକୁ ବଦଳି ହୋଇ ଗଲେ ମଧ୍ୟ ତାଙ୍କର ଏହି ସେବା ମନୋଭାବର ମହାନଗୁଣ ଯୋଗୁଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ।

## ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୁତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅ□ଳବାସୀ ଦାବିକରିଛନ୍ତି ।

## ଇଫାଲକନ ପକ୍ଷରୁ ଡଲ୍‌ବି ଅଡିଓ ସହିତ ୪କେ ୟୁଏଚ୍‌ଡି ଟିଭି ୟୁ-୬୧

ଭୁବନେଶ୍ୱର, (ପି.ଏନ): ଇଫାଲକନ ହେଉଛି ଏକ ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ନୂତନ ଉତ୍ପାଦ ଦ୍ୱରା ପ୍ରତିଯୋଗୀ ଭାରତୀୟ ଟେଲିଭିଜନ ବଜାରରେ ନିଜର ସ୍ଥିରତା ପ୍ରତିଷ୍ଠା ଜାରି ରଖିଛି । ଇଫାଲକନ କେ-ସିରିଜ୍ ଏବଂ ଏଚ୍-ସିରିଜ୍‌ର ସଫଳତା ପରେ ବ୍ରାଣ୍ଡ ୟୁ-ସିରିଜ୍‌ରେ ୟୁ-୬୧ ଉନ୍ମୋଚନ କରିବାକୁ ଘୋଷଣା କରିଛି । ଅଗ୍ରଣୀ ଇ-କମର୍ସ୍ ପ୍ଲାଟଫର୍ମ ଆମାଜନରେ ଇଫାଲକନ ୟୁ-୬୧ ସ୍ୱତନ୍ତ୍ର ଭାବରେ ଉପଲବ୍ଧ ହେବ । ଉନ୍ନତ ପ୍ରଦର୍ଶନ, ଡଲବି ଅଡିଓ, ସ୍ଲିମ୍ ଡିଜାଇନ୍ ଏବଂ ଅନ୍ୟାନ୍ୟ ସ୍ମାର୍ଟ ବୈଶିଷ୍ଟ୍ୟଗୁଡିକ ସହିତ ୟୁ୬୧ ହେଉଛି ବଜେଟ୍ ବିଭାଗରେ ଏକ ପ୍ରିମିୟମ୍ ଅଫର୍ । ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ଟିଭି ବ୍ରାଣ୍ଡ ମଧ୍ୟରୁ ଇଫାଲକନ ସାଧାରଣ ଲୋକଙ୍କ ପାଇଁ ହାଇ-ଏଣ୍ଡ ଟିଭି ଟେକ୍ନୋଲୋଜିକୁ ବର୍ଣ୍ଣନା କରିଛି ଏବଂ ଟିଭି ଦେଖିବାର ଅଭିଜ୍ଞତାର ଉପଯୁକ୍ତ ମିଶ୍ରଣ ପ୍ରଦାନ କରିବାକୁ ଇଫାଲକନ ୟୁ୬୧ ଡିଜାଇନ୍ କରାଯାଇଛି । ଶୁଭାରମ୍ଭ ବିଷୟରେ ଟିସିଏଲ୍ ଇଣ୍ଡିଆର ଜେନେରାଲ୍ ମ୍ୟାନେଜର ମାଇକ୍ ଚେନ୍ କହିଛନ୍ତି,




'ଇଫାଲକନ ଉତ୍ପାଦଗୁଡିକ ଲୋକଙ୍କୁ ହାଇ-ଏଣ୍ଡ ଟିଭି ଟେକ୍ନୋଲୋଜିର ନିକଟତର କରିବା ଉପରେ ଧ୍ୟାନ ଦିଆଯାଇଛି । ସୌନ୍ଦର୍ଯ୍ୟକରଣ ଡିଜାଇନ୍ ସହିତ ଅତ୍ୟାଧୁନିକ ଜ୍ଞାନକୌଶଳକୁ ମିଶ୍ରଣ କରିବା ଇଫାଲକନ ୟୁ୬୧ ଏକ ସୁଲଭ ମୂଲ୍ୟ ସୀମା ମଧ୍ୟରେ ଆସେ । ବ୍ରାଣ୍ଡ କ୍ରମାଗତ ଭାବରେ ଉତ୍ପାଦଗୁଡିକର ବିକାଶ ଦିଗରେ କାର୍ଯ୍ୟ କରୁଛି ଯାହା ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ । ଯେଉଁମାନେ ନିଜ ପକେଟରୁ ଅଧିକ ଖର୍ଚ୍ଚ ନକରି ଘରେ ସିନେମା ପରି ଅନୁଭୂତି କରିବାକୁ ଚାହାଁନ୍ତି ସେହି ଗ୍ରାହକମାନଙ୍କ ପାଇଁ ୟୁ୬୧ ଏକ ଉତ୍ତମ ପସନ୍ଦ, । 'ଇଫାଲକନ ୟୁ-୬୧ ବୈଶିଷ୍ଟ୍ୟଗୁଡିକ ମଧ୍ୟରେ ୪୩-ଇଂଚ ସ୍କ୍ରିନ ଆକାରରେ ଉପଲବ୍ଧ ୟୁ୬୧ ଗୁଗୁଲ୍ ଆସିଷ୍ଟାଂଟକୁ ସମର୍ଥନ କରେ ଯାହା ଉପଭୋକ୍ତାମାନଙ୍କୁ ସେମାନଙ୍କର ପ୍ରିୟ ଟିଭି ଶୋ ଏବଂ ଅଧିକ ଖୋଜିବା ପାଇଁ ଭଏସ୍ କମାଣ୍ଡ ବ୍ୟବହାର କରିବାକୁ ଅନୁମତି ଦେଇଥାଏ । ୪୩ ଇଂଚ ଟିଭି ୩ ଏଚଡିଏମ୍‌ଆଇ ପୋର୍ଟ୍ ଏବଂ ଏକ ୟୁଏସବି ପୋର୍ଟ ସହିତ ଥାଏ ଏବଂ ଏଚଡିଆର୧୦, ମାଇକ୍ରୋ ଡିମିଙ୍ଗ୍, ୪ କେ ଅପ୍ସାଲ୍, ଡାଇନାମିକ୍ ରଙ୍ଗ ବୃଦ୍ଧି ଏବଂ ଅଧିକ ଟିଭିରେ ଡଲବି ଅଡିଓ, ୨୪ଡବ୍ଲୁ ସାଉଣ୍ଡ ଆଉଟପୁଟ୍, ସୁରାଉଣ୍ଡ୍ ଭର୍ଚୁଆଲାଇଜର୍ ଏବଂ ଅଲ୍ଟ୍ରା-ରିଅଲ୍‌ଷ୍ଟିକ୍, ବର୍ଦ୍ଧିତ ଅଡିଓ ଅଭିଜ୍ଞତା ପାଇଁ ଡାଉନ୍ ଫାୟାରିଙ୍ଗ୍ ମଧ୍ୟ ରହିଛି । ଟିସିଏଲ୍ ର ସ୍ମାର୍ଟ ୟୁଆଇର ଉପସ୍ଥିତି ଆପଣଙ୍କ ଘରର ମନୋରନ ବ୍ୟବସ୍ଥାକୁ ସୃଦୃଢ଼ କରୁଥାଏ । ଭଏସ୍ କମାଣ୍ଡ ମାଧ୍ୟମରେ ଆପଣ ଟିଭିକୁ ନିୟନ୍ତ୍ରଣ କରିପାରିବେ ଏବଂ ଆପଣଙ୍କର ସମସ୍ତ ସ୍ମାର୍ଟ ହୋମ୍ ଡିଭାଇସ୍ କୁ ଆପଣଙ୍କର ଟିଭି ସହିତ ସଂଯୋଗ କରିପାରିବେ ଏବଂ ଏହାକୁ ଘର ପାଇଁ ଆକର୍ଷଣର କେନ୍ଦ୍ରରେ ପରିଣତ କରିପାରିବେ ।

## ବିଜେଡ଼ି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ଚଣ୍ଡିଖୋଲ,(ପି.ଏନ): ଚଣ୍ଡିଖୋଲ ସ୍ଥିତ ବିଜେଡ଼ି କାର୍ଯ୍ୟାଳୟରେ ଆଜି ଏକ ମିଶ୍ରଣ ପର୍ବ ବଡ଼ଚଣା ବ୍ଲକ୍ ବିଜେଡ଼ି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ସୁଙ୍ଗୁଡ଼ା ଗ୍ରାମପଂଚାୟତ ଓ ଧାନମଣ୍ଡଳ ଗ୍ରାମପଂଚାୟତରୁ ୫୦ରୁ ଉର୍ଦ୍ଧ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଦଳରେ ସାମିଲ ହୋଇଥିବା ନୂତନ ର୍ମୀମାନଙ୍କୁ ଦଳୀୟ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଏହି ମିଶ୍ରଣ ଫଳରେ ବଡ଼ଚଣାରେ ବିଜେଡ଼ି ଅଧିକ ସଂଗଠିତ ଓ ମଜବୁତ ହେବ ବୋଲି କହିଥିଲେ । ଏହି ମିଶ୍ରଣ ପର୍ବରେ ଅଣକା ପଂଚାୟତର ବରିଷ୍ଠ ସଦସ୍ୟ ହାଡ଼ିଦାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କେଶବ ଚନ୍ଦ୍ର ଦାସ ବିଜେବି ଦଳ ତ୍ୟାଗ କରି ତାଙ୍କର ପୁରୁଣା ଦଳ ବିଜେଡ଼ି ଦଳରେ ସାମିଲ ହୋଇଥିଲେ । ସୁଙ୍ଗୁଡ଼ା ପଂଚାୟତର ଖୋସାଲିପୁର ଗ୍ରାମର ନିରଞ୍ଜନ ଜେନାଙ୍କ ନେତୃତ୍ୱରେ ସୁରେନ୍ଦ୍ର ଦେହୁରୀ, ସୁକାନ୍ତ ମଳିକ,



ବିମ୍ବାଧର ମଳିକ, ତୁସାର ଜେନା, ଜ୍ୟୋତି ରଂଜନ ଜେନା, ସୁରେଶ ଦେହୁରୀ, ଭାରତୀ ଦେହୁରୀ, ଅଭିଶେକ୍ ଜେନା, ସୁଙ୍ଗୁଡ଼ା ଗ୍ରାମର ଶ୍ରୀବତ୍ସ ଜେନା, ଶ୍ରମିଷ୍ଟା ମାହାଲା, ଟିଙ୍କୁ ରାୟ, ନିଶିମଳାର ଆଇନଜୀବୀ ଅଜିତ୍ ଜେନା, ପାପନ ଜେନାଙ୍କ ସମେତ ୪୦ରୁ ଉର୍ଦ୍ଧ କର୍ମୀ ଯୋଗ ଦେଇଥିଲେ । ସେହିପରି ଧାନମଣ୍ଡଳ ପଂଚାୟତର ମନୋଜ ଜେନା, ଖଗେଶ୍ୱର ଜେନା, ସିମାଦ୍ରୀ ବେହେରା, ଅପ୍ରୋଚ ଖାଁ, ପ୍ରାର୍ଥସାରଥି ଜେନା, ମନୋଜ ନାୟକ, ମୌମ୍ୟ ରଂଜନ ସାହୁ ସମେତ ୨୦ରୁ ଉର୍ଦ୍ଧ କର୍ମୀ ମିଶିଥିଲେ । ଏହି ମିଶ୍ରଣ ପ୍ରକ୍ରିୟାର ମୁଖ୍ୟ ଦାୟୀତ୍ୱ ସଂଜୟ ସ୍ୱାଇଁ, ମସିର ଆଲାମ୍, ପ୍ରିୟବ୍ରତ ଖିଲାର ଯିତେନ୍ଦ୍ର ସ୍ୱାଇଁ, ଦିବ୍ୟଜ୍ୟୋତି ଜେନା, ରଶ୍ମିରଂଜନ ଦାସ, ନବଦ୍ୱୀପ ନାୟକ, ବିଭାସ ନନ୍ଦ, ରବିନ୍ଦ୍ର ନାୟକ, ଅମିନ ନାୟକ, ଦେବୀ ପ୍ରସାଦ ନାୟକ, ଆନନ୍ଦ ଜେନା ପ୍ରମୁଖ ଦାୟିତ୍ୱ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ବିପିନ ବିହାରୀ ଜେନା, ସାରଦା ପ୍ରସନ୍ନ ମହାନ୍ତି, ନିରଞ୍ଜନ ସେନାପତି , ଗଣେଶ୍ୱର ବରା, ମଧୁସୁଦନ ବଳ, ଅମର ମହାନ୍ତି, ମିହିର ସ୍ୱାଇଁ, ଅମୁଲ୍ୟ ଦାସ, ବିଜୟ ବାରିକ୍, ସମରେନ୍ଦ୍ର ମହାପାତ୍ର, ପ୍ରକାଶ ପ୍ରଧାନ ପ୍ରମୁଖ ନୂଆ କରି ମିଶିଥିବା ବିଜେଡ଼ି କର୍ମୀମାନଙ୍କୁ ସ୍ୱାଗତ କରିଥିଲେ । ସୁଙ୍ଗୁଡ଼ା ପଂଚାୟତ ସରପଂଚ ଋଚାଲିନ୍ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## ରେଡକ୍ରସ କ୍ଲଷ୍ଟର କ୍ୟାମ୍ପ ଉଦ୍‌ଯାପିତ

ଖଣ୍ଡପଡା: ଖଣ୍ଡପଡା ମହିଳା ମହାବିଦ୍ୟାଳୟରେ ଗତ ୩ଦିନ ଧରି ଚାଲିଥିବା ରେଡକ୍ରସ କ୍ଲଷ୍ଟର କ୍ୟାମ୍ପ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ୟୁଥ ରେଡକ୍ରସ ରାଜ୍ୟ ଶାଖା ସହଯୋଗରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଖଣ୍ଡପଡା କୋଭିଡ କେୟାର ହସପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡଃ. ପ୍ରଦୀପ କୁମାର ପାଇକରାୟ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ନୟାଗଡ ଜିଲ୍ଲା ରେଡକ୍ରସର ସଂଯୋଜକ ଡ. ଆଦିତ୍ୟ କୁମାର ମିଶ୍ର, ମହିଳା ମହାବିଦ୍ୟାଳୟ ଯୁକ୍ତ ୨ର ଅଧ୍ୟକ୍ଷା ସ୍ମିତାଶେଫାଳୀ ମହାପାତ୍ର, ଯୁକ୍ତ ୩ ଅଧ୍ୟକ୍ଷା ଲିପିକା ମହାନ୍ତି ଓ ରେଡକ୍ରସର କର୍ମକର୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସଡକ ସୁରକ୍ଷା, ଜୀବନରକ୍ଷା, ରକ୍ତ ଦାନର ମହନୀୟତା, ପରିବେଶ ସୁରକ୍ଷା,



ଜରୁରୀକାଳୀନ ପରିସ୍ଥିତିର କିଭଳି ମୁକାବିଲା କରାଯାଇପାରିବ ସେ ସଂପର୍କରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ବିଭିନ୍ନ ଦିନରେ ଅତିଥି ଭାବେ ଖଣ୍ଡପଡା ବିଡିଓ ଅରୁଣୀମା ସାହୁ, ଗଣିଆ ଉନ୍ନୟନ କମିଟିର ମୁଖ୍ୟ ସଂଯୋଜିକା ଉଷା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ରେଡକ୍ରସ ଉପଦେଷ୍ଟା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ, ଅଧ୍ୟାପକ ଅଜିତ କୁମାର ବସନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ । ଏ ଅବସରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗୀତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ଉପସ୍ଥିତିରେ ରେଡକ୍ରସ ପତାକାକୁ ଅବତରଣ କରାଯାଇଥିଲା ।

## ଡି.ଏ.ଭି କଳିଙ୍ଗ ନଗରଠାରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଭୁବନେଶ୍ୱର(ପି.ଏନ): କାଳଜୟୀ ପଂକ୍ତି 'ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ' ର ସ୍ରଷ୍ଟା ତଥା ପରାଧିନ ଭାରତର ସ୍ୱାଧୀନ ଜନନେତା ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ ତମ ଜନ୍ମ ଜୟନ୍ତୀ ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରଠାରେ ପାଳିତ ହୋଇଯାଇଛି । କରୋନା କଟକଣା ମଧ୍ୟରେ ପାଳିତ ଏହି ଉତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷ, ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା, ଶିକ୍ଷକ ଶିକ୍ଷୟିତ୍ରୀ ଏହି ମହାନ୍ ଆତ୍ମାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ବିପିନ୍ କୁମାର ସାହୁ ତାଙ୍କ ଅଭିଭାଷଣରେ ପଣ୍ଡିତ ଗୋପବନ୍ଧୁଙ୍କ ସମାଜ ପାଇଁ ଉତ୍ସର୍ଗୀକୃତ ମନୋଭାବ ମଣିଷ ଜୀବନର ଆଦର୍ଶ ଭାବରେ ବିବେଚନା କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଏହି ଉତ୍ସବ ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଏକ ବୃନ୍ଦଗାନ ଓ ବକ୍ତୃତା ମାଧ୍ୟମରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଓଡିଆ ବିଭାଗ ଦ୍ୱାରା ପରିଚାଳନା କରାଯାଇଥିଲା ।

## ଏଚ୍‌ସିଏଲ୍ ପକ୍ଷରୁ ଏଚ୍‌ସିଏଲ୍ ଜିଗ୍‌ସର ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଆମେରିକାର ୧୦.୫ ବିଲିୟନ ଆମେରିକୀୟ ଡଲାରର ବିଶ୍ୱସ୍ତରୀୟ କମ୍ପାନୀ ଏଚ୍‌ସିଏଲ୍ ପକ୍ଷରୁ ଏଚ୍‌ସିଏଲ୍ ଜିଗ୍‌ସର ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଜିଗ୍‌ସର ଦ୍ୱିତୀୟ ସଂସ୍କରଣ ପାଇଁ ପଞ୍ଜୀକରଣ ଖୋଲା ରହିଛି । ନୂତନ ଶିକ୍ଷା ନୀତି ଅନୁସାରେ ବହୁ ସ୍ତରୀୟ ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ଭାରତର ଯୁବବର୍ଗଙ୍କ ସମସ୍ୟା ସମାଧାନକାରୀଙ୍କୁ ଚିହ୍ନଟ କରି ପୁରସ୍କାର ପ୍ରଦାନ ପାଇଁ ଏହା ଆରମ୍ଭ ହୋଇଛି । ଏଥିରେ ୬ ରୁ ୯ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବାସ୍ତବ ଦୁନିଆର ଆହ୍ୱାନର ସମାଧାନ ପାଇଁ କାର୍ଯ୍ୟ କରିବେ । ପ୍ରଥମ ସଂସ୍କରଣ ପାଇଁ ୧୯୦୦ ରୁ ଅଧିକ ବିଦ୍ୟାଳୟର ପ୍ରାୟ ୭୦୦୦ ଛାତ୍ରଛାତ୍ରୀ ପଞ୍ଜୀକୃତ ହୋଇଥିଲେ । ପ୍ରତିଯୋଗିତାରେ ଛାତଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସୃଜନଶୀଳ ଚିନ୍ତାଧାରା ଦ୍ୱାରା ବିଚାରକ ମଣ୍ଡଳୀ ବେଶ୍ ପ୍ରଭାବିତ ହୋଇଥିଲେ । ଆଗ୍ରହୀ ଛାତ୍ରଛାତ୍ରୀ କିମ୍ବା ବିଦ୍ୟାଳୟଗୁଡ଼ିକ ଭାରତ ବ୍ୟାପୀ ଏହି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ପାଇଁ www.hclji gsaw. comରେ ନଭେମ୍ବର ୨୬, ୨୦୨୧ ସୁଦ୍ଧା ପଞ୍ଜୀକୃତ ହୋଇପାରିବେ । ଏହି ପ୍ରତିଯୋଗିତା ଭର୍ଚୁଆଲ ମାଧ୍ୟମ ତିନି ରାଉଣ୍ଡରେ ହେବ । ଏହାର ଯୋଗ୍ୟତା ପର୍ଯ୍ୟାୟ (ଡିସେମ୍ବର ୩ - ୮, ୨୦୨୧), ଡିସେମ୍ବର ୧୮ ରେ ସେମିଫାଇନାଲ ଏବଂ ଡିସେମ୍ବର ୧୯ ରେ ଫାଇନାଲ କରାଯିବ । ବିଜେତାମାନେ ୧ ଲକ୍ଷ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ଉପହାର ଏବଂ ଗ୍ୟାଜେଟ ପାଇବେ । ପ୍ରତ୍ୟେକଙ୍କଙ୍କୁ ଏଚ୍‌ସିଏଲ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ ଲ୍ୟାବରେ ଶିକ୍ଷାର ସୁଯୋଗ ପ୍ରଦାନ ମଧ୍ୟ କରାଯିବ । ଏସମ୍ପର୍କରେ ସୂଚନା ଦେଇ ଏଚ୍‌ସିଏଲ୍ କର୍ପୋରେଶନର ରଣନୀତି ସଭାପତି ସୁନ୍ଦର ମହାଲିଙ୍ଗମ କହିଲେ, ଉଦଘାଟନୀ ରାଉଣ୍ଡ ପାଇଁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀମାନଙ୍କ ଉତ୍ସାହଜନକ ମତାମତ ଆଧାରରେ ଆମେ ଜିଗ୍‌ସର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରିଛୁ । ଦ୍ରୁତ ବିକାଶଶୀଳ ଦୁନିଆରେ ଯୁବକ ମାନସିକତା ବୃଦ୍ଧି ପାଇଁ ସମାଲୋଚକ ଚିନ୍ତାଧାରା ଦକ୍ଷତା ପ୍ରତିପାଦନ କରିବା ଜରୁରୀ । ଏକ୍ଷେତ୍ରରେ ଶିକ୍ଷକ ଏବଂ ବିଦ୍ୟାଳୟଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏହି ସଂସ୍କରଣରୁ ଆରମ୍ଭ କରି ଆମେ ଶିକ୍ଷାବିତମାନଙ୍କ ବିକାଶ କରିବାକୁ ଯୋଜନା କରିଛୁ । ଚୟନ ହୋଇଥିବା ବିଦ୍ୟାଳୟଗୁଡିକ ସେମାନଙ୍କ ଶିକ୍ଷକମାନଙ୍କ ପାଇଁ ବର୍ଦ୍ଧିତ ଏକବିଂଶ ଶତାବ୍ଦୀର ଶିକ୍ଷକ ଦକ୍ଷତା ଏବଂ ପ୍ରତିବଦଳରେ ଏକବିଂଶ ଶତାବ୍ଦୀର ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଶିକ୍ଷଣ ଏବଂ କର୍ମଶାଳାରେ ପ୍ରବେଶ କରିବାର ସୁଯୋଗ ହାସଲ କରିବେ । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ତିନୋଟି ପ୍ରାଥମିକ ଯୋଗ୍ୟତା ସହିତ ୧୦ଟି ମାନଦଣ୍ଡ ଅନୁସାରେ ମୂଲ୍ୟାଙ୍କନ କରାଯିବ । ଅନୁସନ୍ଧାନ ଦକ୍ଷତା- ଏହା ଛାତ୍ରମାନଙ୍କୁ ସେମାନଙ୍କୁ ସମସ୍ୟାକୁ ବ୍ୟାଖ୍ୟା କରିବାରେ, ଅନୁସନ୍ଧାନ / କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାରେ ଏବଂ ସୂଚନା ସଂଗ୍ରହ ଏବଂ ସଂଗଠିତ କରିବାରେ କେତେ ସକ୍ଷମ ଅଛନ୍ତି, ତାହା ପ୍ରମାଣିତ କରାଇବ । ଯୋଗାଯୋଗ ପ୍ରକ୍ରିୟା- ଏକ ସମନ୍ୱିତ ସୂଚନା ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ଆକଳନ କରାଯାଇ ସେମାନଙ୍କୁ ଦିଆଯାଇଥିବା ସୂଚନାର ପ୍ରସଙ୍ଗ ଏବଂ ଉଦ୍ଦେଶ୍ୟକୁ ବୁଝିବାରେ ପ୍ରୟାସ କରାଯିବ । ସମାଲୋଚକ ଭାବରେ ଚିନ୍ତା କରିବା - ଯଦି ଛାତ୍ରଛାତ୍ରୀ ସୂଚନାକୁ ସଠିକ ଭାବରେ ବ୍ୟାଖ୍ୟା କରି ଦାବିଗୁଡିକର ମୂଲ୍ୟାଙ୍କନ କରିବାକୁ ଏବଂ ସିଦ୍ଧାନ୍ତ ନେବାକୁ ସକ୍ଷମ ହୁଅନ୍ତି ତେବେ ଏହାକୁ ମୂଲ୍ୟାଙ୍କନ କରାଯିବ । ଏଚ୍‌ସିଏଲ୍ ଜିଗ୍‌ସ ୨.୦ ର ତିନୋଟି ପର୍ଯ୍ୟାୟରେ ରହିଛି ଯଥା ଯୋଗ୍ୟତା ପର୍ଯ୍ୟାୟ - ୨୦୨୧ ଡିସେମ୍ବର ୩ - ୮ ସମ୍ପନ୍ନ କରାଯିବ । ମୂଲ୍ୟାଙ୍କନ ଅନୁକୂଳ ହେବ ଏବଂ ପ୍ରତିଯୋଗିତା ପାଇଁ ପ୍ରଶ୍ନଗୁଡିକ ସେମାନଙ୍କର ନିର୍ଦ୍ଦିଷ୍ଟ ବୟସ ଶ୍ରେଣୀ ମଧ୍ୟରେ ମୂଲ୍ୟାଙ୍କନ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରହିଛି । ଏହି ରାଉଣ୍ଡର ସମସ୍ତ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦକ୍ଷତା ଉପରେ ସେମାନଙ୍କର କାଯ୍ୟଦକ୍ଷତାର ବ୍ୟକ୍ତିଗତ ମୂଲ୍ୟାଙ୍କନ ରିପୋର୍ଟ ପାଇବେ, ସେମାନଙ୍କର ଉନ୍ନତି ଏବଂ ବିକାଶ ପାଇଁ ଏକ ରୋଡ ମ୍ୟାପ ପ୍ରଦାନ କରାଯିବ । ସେମିଫାଇନାଲ- ୨୦୨୧ ଡିସେମ୍ବର ୧୮ରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟ ପାଇଁ ପ୍ରତ୍ୟେକ ଶ୍ରେଣୀରୁ ୨୦ ପ୍ରତିଶତ ଯୋଗ୍ୟତା ଅର୍ଜନ କରିବେ । ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ପର୍ଯ୍ୟାୟରେ ଏକ ଦଳରେ ଗୋଷ୍ଠୀଭୁକ୍ତ ହେବେ ଏବଂ ଏକ ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପାଇଁ ଏ ଭର୍ଚୁଆଲ ପ୍ରକୋଷ୍ଠରେ କାର୍ଯ୍ୟ କରିବେ । ଫାଇନାଲ- ୨୦୨୧ ଡିସେମ୍ବର ୧୯ରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ମୋଟ ୩୬ ଛାତ୍ରଛାତ୍ର ପ୍ରତିଯୋଗୀତା କରିବେ । ଫାଇନାଲରେ ଛାତ୍ରଛାତ୍ରୀମାନେ ପୃଥକ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଏ ଥିମ୍ ଆଧାରିତ ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପାଇଁ ସେମାନଙ୍କର ଯୋଜନା ବିଶେଷଜ୍ଞ ଜୁରୀମଣ୍ଡଳରେ ଉପସ୍ଥାପନ କରିବେ । ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ତିନିଜଣ ଛାତ୍ର (ସମୁଦାୟ ୧୨ ଜଣ ଛାତ୍ର) ଭାରତର ଶ୍ରେଷ୍ଠ ଯୁବ ସମସ୍ୟା ସମାଧାନକାରୀ ଟାଇଟଲ ଜିତିବେ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ସହିତ ବିଭିନ୍ନ ଗ୍ୟାଜେଟ ପାଇବେ । ବିଜେତାଙ୍କୁ ଏଚ୍‌ସିଏଲ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ ଲ୍ୟାବରେ ଶିକ୍ଷାର ସୁଯୋଗ ପ୍ରଦାନ ମଧ୍ୟ କରାଯିବ । ପ୍ରଥମରେ, ଏଚ୍‌ସିଏଲ୍ ଜିଗ୍‌ସ ସେହି ବିଦ୍ୟାଳୟଗୁଡ଼ିକୁ ସ୍ୱୀକୃତି ଦେବ ଯେଉଁଗୁଡ଼ିକ ଦେଶ ପାଇଁ ଭବିଷ୍ୟତର ସମସ୍ୟା ସମାଧାନକାରୀ ଗଠନ କରିବାରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । ଦିଲ୍ଲୀ ଏନସିଆରର ଶିବ ନାଦର ବିଶ୍ୱବିଦ୍ୟାଳୟ କିମ୍ବା ଶିବ ନାଦର ବିଦ୍ୟାଳୟରେ ଏକ କର୍ମଶାଳା ବିଶେଷଜ୍ଞ ଅଧ୍ୟାପକଙ୍କ ଦ୍ୱାରା ଏହା ପରିଚାଳିତ ହୋଇ ଶିକ୍ଷକମାନଙ୍କ ପାଇଁ ସମସ୍ୟା ସମାଧାନ ତଥା ଅନଲାଇନ ଶିକ୍ଷଣ ପ୍ଲାଟଫର୍ମରେ ପ୍ରବେଶ କରି ପାରିବେ । ଏହି କର୍ମଶାଳାଗୁଡ଼ିକ ଡିଜାଇନ ଚିନ୍ତାଧାରା ଏବଂ ନବସୃଜନ, ବୈଜ୍ଞାନିକ ଅନୁସନ୍ଧାନ, ଡ୍ରାମା ଉପକରଣ, ପ୍ରଭାବଶାଳୀ ମତାମତ ଦେବା, ବ୍ୟକ୍ତିଗତ ପଥ ପରିକଳ୍ପନା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷକମାନଙ୍କୁ ତାଲିମ ଦେବ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray